## ସଂକ୍ଷେପରେ

### ଗହୀରମଥାରୁ ୧ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨୦।୨(ଡି.ଏନ୍.ଏ.): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୮ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ନବୀନ କୁମାର ମଲ୍ଲିକ ଓ ବନ କର୍ମଚାରୀମାନେ ବିରଳ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ ମାଛ ମାରୁଥିବା ହରେକୃଷ୍ଣ ନାମକ ଟ୍ରଲର ଜବତ କରିଥିଲେ। ସେଥିରେ ଥିବା ନରେନ ମାଝି, କାର୍ତ୍ତିକ ବାରିକ, ଭଞ୍ଜ ସେଠୀ, ପ୍ରଶାନ୍ତ ମାଝି, ନିରଞ୍ଜନ ଖଟୁଆ, ସୁରେଶ ମାଝି, ଚନ୍ଦନ ମଲିକ, ସାନନ୍ଦ ମଲିକ ପ୍ରମୁଖ ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୧ କୁଇଣ୍ଟାଲ ମାଛ, ୧୨ଟି ଟ୍ରଲିଂ ନେଟ୍, ଗୋଟିଏ ଫିସ୍ ଫାଇଣ୍ଡର, ଗୋଟିଏ ଭିଏଚ୍ଏଫ୍ ଓ ୨ଟି ଜିପିଏସ୍ ଜବତ କରାଯାଇଛି।

### ଆରଜିଏସ୍ଏଫ୍ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା ଅଫିସ,୨୦।୨: ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ (ଆରଜିଏସ୍ଏଫ୍) କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସୋମବାର ପ୍ରଦାନ କରାଯାଇଛି । ଏହାର ନେତୃତ୍ୱ ନେଉଥିବା ଜିଲା ସଭାପତି ଉମେଶ ପାଢ଼ୀ ଓ ରାଜ୍ୟ ସମ୍ପାଦକ ରଶ୍ମିରଞ୍ଜନ ଚୌଧୁରୀ କହିଛନ୍ତି, ଏହି ମହାବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ରାଜ୍ୟରେ ବହୁ ସୁନାମ ଆଣିଛି । ଏଠାରେ ଥିବା ଶୈକ୍ଷିକ ପରିବେଶ ସହିତ ନାକ ଟିମର ଭଲ ନଜରରେ ସର୍ବଦା ରହି ଆସିଛି । ଏହାବ୍ୟତୀତ କେନ୍ଦ୍ରାପଡ଼ା ଜିଲାରେ ସାକ୍ଷରତା ହାର ରାଜ୍ୟସ୍ତରରେ ଅଧିକ ରହିଥିଲେ ମଧ୍ୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲେ ଜିଲା ସମେତ ପଡୋଶୀ ୫ଟି ଜିଲାର ଶିକ୍ଷାର୍ଥୀଙ୍କୁ ଅଧିକ ଖର୍ଚ୍ଚ ବହନ କରିବାକୁ ପଡିବ ନାହିଁ । ଫୋରମ ପକ୍ଷରୁ ଏନେଇ ଗତ କିଛିଦିନ ପୂର୍ବେ ଜିଲାର ବିଭିନ୍ନ କଲେଜରୁ ଦସ୍ତଖତ ଅଭିଯାନ କରାଯାଇଥିଲା। ଷ୍ଟୁଡେଣ୍ଟ ଫୋରମର ଏହି ଦାବିପତ୍ରକୁ ଅଧ୍ୟକ୍ଷଙ୍କ ମାଧ୍ୟମରେ ପଠାଯାଇଥିବା ସେମାନେ ପ୍ରକାଶ କରିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ

**ଡାକ୍ତରଙ୍କ ଗାଡ଼ି ଧକ୍କାରେ କୋରିଅର କର୍ମଚାରୀଙ୍କ ମୃତ୍ୟୁ ମାମଲା**

■ ତଦନ୍ତ ଦିଗହରା କରିବାକୁ ପୋଲିସ ପ୍ରୟାସ କରୁଥିବା ଅଭିଯୋଗ

କଳିଙ୍ଗନଗର,୨୦।୨(ଡି.ଏନ.ଏ.)

କୋରେଇ ଥାନା ବ୍ୟାସନଗର ସହରର ସନ୍ତରା ଛକ ନିକଟରେ ଗାଡ଼ି ଧକ୍କାରେ ଏକ କୋରିଅର୍ କମ୍ପାନୀରେ କାମ କରୁଥିବା ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା କହରାଗୋହିରି ଗ୍ରାମର ରମେଶ ଚନ୍ଦ୍ର ନାୟକ(୫୩)ଙ୍କ ମୃତ୍ୟୁ ଘଟଣାରେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି । ଘଟଣାକୁ ଦୁଇଦିନ ବିତିଯାଇଥିଲେ ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଡାକ୍ତର ଦିଲ୍ଲୀପ ନାୟକଙ୍କ ପତ୍ତା ପାଉନାହିଁ ପୋଲିସ । ସମ୍ପୃକ୍ତ ଡାକ୍ତର ଫେରାର ଥିବାବେଳେ କୋରେଇ ପୋଲିସର ପାରିବା ପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏହାର ତଦନ୍ତ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିରଞ୍ଚି ନାରାୟଣ ବେହେରା ନିର୍ଦ୍ଦେଶ ଦେଇଛନ୍ତି । ତେବେ ମାମଲାର ତଦନ୍ତ ଜାରି ରହିଛି ବୋଲି ପୋଲିସ ସଫେଇ ଦେଇଥିବା ବେଳେ ଅଭିଯୁକ୍ତ ଡାକ୍ତର ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ତଦନ୍ତ ଦିଗହରା ହେବା ସମ୍ଭାବନା ଦେଖାଦେଇଛି । ବରିଷ୍ଠ ଶ୍ରମିକ ନେତା ତଥା ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ବିଦ୍ୟାଧର ମହାନ୍ତି କହିଛନ୍ତି, ଡାକ୍ତର ହେଲେ ବି ଆଇନ ସମସ୍ତଙ୍କ ପାଇଁ ସମାନ । ଜଣେ ମଦ୍ୟପ ଡାକ୍ତରଙ୍କ ପ୍ରତି କୋରେଇ ପୋଲିସର ଏପରି ସହାନୁଭୂତି କାହିଁକି । ଏଦିଗରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ । ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କହିଛନ୍ତି, ପୋଲିସ କେବଳ ଦଫା ଲଗାଇ ଚୁପ ବସିବା ଗ୍ରହଣୀୟ ନୁହେଁ । ତୁରନ୍ତ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରାଯାଉ । ଜିଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ରାଉତ କହିଛନ୍ତି, ଡାକ୍ତର ମଦ୍ୟପାନ କରି ଜଣେ ନୀରିହ ଲୋକଙ୍କୁ ଗାଡି ମଡାଇ ମାରି ସେଠାରୁ ଫେରାର ହେବା ନିନ୍ଦନୀୟ ଘଟଣା । ତୁରନ୍ତ ସେ କୋରିଅର କର୍ମଚାରୀ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ସହିତ ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରାଯାଉ ।

ସୂଚନାଥାଉକି, ଯାଜପୁରରୋଡ ମେଡିକାଲର କାର୍ଯ୍ୟରତ ନାୟକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ସ୍ତ୍ରୀଙ୍କୁ ନିର୍ଯାତନା ଦେବା, ମେଡିକାଲରେ ମଦ୍ୟପାନ କରି ଡ୍ୟୁଟି କରିବା, ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଅଭଦ୍ରୋଚିତ ବ୍ୟବହାର କରିବା ଆଦି ବହୁ ଅଭିଯୋଗ ରହିଥିବା ବେଳେ ସେ ଏକାଧିକ ଥର ଯାଜପୁରରୋଡ୍ ଥାନାରୁ ବ୍ୟକ୍ତିଗତ ମୁଚାଲିକାରେ ମଧ୍ୟ ଆସିଛନ୍ତି । ମଦ୍ୟପାନ କରି ବେପରୁଆ ଭାବରେ ଗାଡି ଚଳାଇବା ଭଳି ବହୁ ସଙ୍ଗୀନ ଅଭିଯୋଗ ଡ. ନାୟକଙ୍କ ବିରୋଧରେ ରହିଛି । ଏନେଇ ସିଡିଏମ୍ଓ ବେହେରା କହିଛନ୍ତି, ଡା. ନାୟକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ସେ ଡିଏମ୍ଏଫ୍ ଫଣ୍ଡରୁ ଅସ୍ଥାୟୀ ଭାବେ ମେଡିକାଲରେ ନିଯୁକ୍ତି ପାଇଥିବାରୁ ଏନେଇ ଜିଲାପାଳ ହିଁ ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ନେବେ । ଦୁଇଦିନ ଛୁଟି ଥିବାରୁ ସୋମବାର ଏନେଇ ଜିଲାପାଳଙ୍କୁ ଅବଗତ କରାଯିବ । ଘଟଣା ସମ୍ପର୍କରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ପଚାରିବାରୁ ଏଭଳି ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଦୁଇ ଦିନ ଛୁଟି ରହିଥିବାରୁ ତ୍ୱରିତ ଭାବେ ଅଭିଯୁକ୍ତ ଡାକ୍ତରଙ୍କୁ ବହିଷ୍କାର କରାଯିବା ସହିତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଅନ୍ୟପଟେ କୋରେଇ ପୋଲିସ୍ ଦୁର୍ଘଟଣା ସମୟର ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛି । ଡ. ନାୟକଙ୍କ ମୋବାଇଲ୍ ଲୋକେସନ୍ ଯାଞ୍ଚ କରାଯିବ ବୋଲି କୋରେଇ ଥାନାଧିକାରୀ ସଙ୍ଘମିତ୍ରା ନାୟକ କହିଛନ୍ତି । ଏନେଇ କୋରେଇ ପୋଲିସ ନଂ.୪୭/୨୩ରେ ମାମଲା ରୁଜ କରିଥିବାବେଳେ ୨୭୯ ଏବଂ ୩୦୪(ଏ) ଦଫା ଲଗାଇଛି ।

# ବିଶ୍ୱଶାନ୍ତି ଶିବ ମହାଯଜ୍ଞ ଆରମ୍ଭ



ରସୁଲପୁର,୨୦।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲ ଛକ ନିକଟସ୍ଥ ମଣି ମନ୍ଦିର ପ୍ରାଙ୍ଗଣରେ ଦଶମ ବାର୍ଷିକୀ ବିଶ୍ୱଶାନ୍ତି ଶିବ ମହାଯଜ୍ଞ ଆରମ୍ଭ ହୋଇଛି । ଫାଲଗୁନ ମାସ ଚତୁର୍ଦ୍ଦଶୀ ତିଥିରୁ ଯଜ୍ଞ ଉତ୍ସବ ପାଇଁ ଅଙ୍କୁରୋପୋଣ ଅନୁଷ୍ଠିତ ହୋଇଥିଲା । ଫାଲଗୁନ ଅମାବାସ୍ୟା ତିଥି ସୋମବାର ପ୍ରାତଃ ସମୟରେ କଳସ ଶୋଭାଯାତ୍ରା କରାଯାଇଛି । ଏହି ଶୋଭାଯାତ୍ରାରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇ ଉଠିଥିଲା । କଳସଧାରୀମାନେ ଜଳପୂର୍ଣ୍ଣ କଳସଧାରଣ କରି ଏକ ବିରାଟ ପଟୁଆରରେ ଗାଁ ପରିକ୍ରମା କରିଥିଲେ । ଏହି ଅବସରରେ ୬ଖଣ୍ଡ ଗାଁରେ ଆମିଷ ନିଷେଧ କରାଯାଇଛି । ଗ୍ରାମବାସୀ ଶୁଦ୍ଧପୂତ ଚିତ୍ତରେ ଯଜ୍ଞ କାର୍ଯ୍ୟରେ ସହଯୋଗ କରୁଛନ୍ତି । ପଣ୍ଡିତ ସୁରେନ୍ଦ୍ର ପଣ୍ଡା ମୁଖ୍ୟ ପୁରୋହିତ ଭାବେ ଯୋଗଦେଇ ନିକଟସ୍ଥ ଖରସ୍ରୋତା ନଦୀ ତଟରେ ପୂଜା ଅର୍ଚ୍ଚନା କରିବା ପରେ କଳସଯାତ୍ରା ଆରମ୍ଭ ହୋଇଥିଲା । କଳସଧାରୀ ଭୋଟକା ଦଳିତ ସାହି, ପାତ୍ରସାହି, ଦାସସାହି, ରାଉତ ସାହି, ଶାରଳା ଛକ, ବଣିଛକ, ବଉଳମୂଳ ସାହି, କାର୍ତ୍ତିକେଶ୍ୱର ସାହି, ବେହେରା ସାହି, ମଙ୍ଗଳାମୂଳ ଦେଇ ଯଜ୍ଞବେଦୀ ନିକଟରେ ପହଞ୍ଚିଥିଲେ । ଶୋଭାଯାତ୍ରା ସମୟରେ ବାଜା ବାଣ, ଭଜନକୀର୍ତ୍ତନ, ଶଙ୍ଖ, ହୁଳହୁଳି, ଘଣ୍ଟଘଣ୍ଟା ଆଦି ବାଦ୍ୟର ସମ୍ଭାର ଦେଖିବାକୁ ମିଳିଥିଲା । ଉକ୍ତ ବାଦ୍ୟଯନ୍ତ୍ର ଶବ୍ଦରେ ପରିବେଶ ମୁଖରିତ ହେବା ସହ ଗାଁଦାଣ୍ଡ ଲୋକାରଣ୍ୟ ହୋଇଉଠିଥିଲା । ୫ଜଣ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ଚଉଦିଗ ଫାଟି ପଡୁଥିଲା । ବେଦପାଠ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ-ପୂଜା ଆଦି ନାନା ପୂଜାବିଧି ଅନୁଷ୍ଠିତ ହୋଇଥିଲା । ପ୍ରାତଃ ସମୟରେ ମନ୍ଦିରର ମୁଖ୍ୟ ପୂଜକ କାଠିଆ ନନା ଓରଫ୍ ଅଞ୍ଜନ କୁମାର କର ଓ ଅନ୍ୟ ସହଯୋଗୀଙ୍କ ଦ୍ୱାରା ମଣିବାବାଙ୍କ ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମଙ୍ଗଳ ଆଳତି ଉତ୍ସବରେ ଯଜ୍ଞସ୍ଥଳ ଉତ୍ସବ ମୁଖର ହୋଇଉଠିଥିଲା । ଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ପତିତପାବନ ଦାଶ, ସସ୍ତ୍ରିକ ଆରତୀ ଦାଶ ଦାୟିତ୍ୱ ନିର୍ବାହ କରୁଛନ୍ତି । ଆପପାଖ ଗ୍ରାମ ଭୋଟକା, ଦକ୍ଷିଣ ଭୋଟକା, ସାନରମ୍ପେଇ, ସେରପୁର, ଇଚ୍ଛାପୁର, ବଡରମ୍ପେଇ ଆଦିରେ ଯଜ୍ଞବ୍ରତ ପାଳନ କରାଯାଉଛି । ଏହି ସବୁ ଗାଁର ଲୋକେ ଆମିଷ ଦ୍ରବ୍ୟ ନିଷେଧ କରିବା ସହ ଦୈନିକ ଶୁଦ୍ଧପୁତ ଭାବରେ ବ୍ରତ ପାଳନ କରୁଛନ୍ତି । ଏହି ଯଜ୍ଞ ୪ଦିନ ବ୍ୟାପି ଅନୁଷ୍ଠିତ ହେବା ନେଇ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏଥିରେ ଭକ୍ତଙ୍କ ସକାଶେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଛି । ମଣିବାବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଯଜ୍ଞ କାର୍ଯ୍ୟକୁ ସୂଚାରୁରୂପେ ପାଳନ କରାଯାଉଛି ।

# 'ସମାଜକୁ ସଜାଡ଼ିଥାଏ ଶିକ୍ଷା'

**ରିଜିଓନାଲ୍ ସ୍କୁଲ୍ ଅଫ୍ ସାଇନ୍ସ ଆଣ୍ଡ କମର୍ସର ବାର୍ଷିକ ଉତ୍ସବ**




ରିଜିଓନାଲ ଜୁନିୟର କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ଧର୍ମଶାଳା,୨୦।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ସାରୋଇସ୍ଥିତ ରିଜିଓନାଲ୍ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଇଂ. ହେମନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ସଭାକୁ ଉଦ୍ଘାଟନ କରିବା ସହ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟ କରିବା ଆବଶ୍ୟକ । କେବଳ ଶିକ୍ଷା ହିଁ ସମାଜକୁ ସଜାଡ଼ିଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକ, ମା'ବାପା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଧୁର ଶିକ୍ଷଣୀୟ ଭାବ ବିନିମୟ ହେଲେ ତାହା ସମାଜ ଓ ରାଷ୍ଟ୍ର ନିର୍ମାଣରେ ସହାୟତା କରିଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଇନରହୁଇଲ୍ କ୍ଲବ ଜାରକାର ପୂର୍ବତନ ସଭାନେତ୍ରୀ ମିନତି ସାହୁ ଯୋଗଦେଇ ଶିକ୍ଷାବ୍ୟବସ୍ଥା ଶୃଙ୍ଖଳିତ ହେଲେ ଅସଜଡ଼ା ସମାଜ ସୁଧୁରିଯିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଅକ୍ଷୟ କୁମାର ଜେନା ଯୋଗ ଦେଇଥିଲେ । ଏକାଡେମିକାଲ ଇନ୍‌ଚାର୍ଯ୍ୟ ବିଜୟ କେତନ ଦାଶ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସ୍ମିତାରାଣୀ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ଅଭିଭାବକମାନେ ଯୋଗ ଦେଇଥିବାବେଳେ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ମହାନଦୀରେ ଅଣ୍ଟିଆ କୁମ୍ଭୀର

ଖୁଣ୍ଟୁଣୀ,୨୦।୨(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ଧବଳେଶ୍ୱର ପଠା ମହାନଦୀ ଜଳରେ ଏକ ଅଣ୍ଟିଆ କୁମ୍ଭୀର ବୁଲୁଥିବାର ଖୁଣ୍ଟୁଣୀ ବନ ବିଭାଗ ଜାଣିବାକୁ ପାଇଛି । ଏହି କୁମ୍ଭୀରଟି ନୂଆପଟଣା ମଧୁସୂଦନ ସେତୁ ପର୍ଯ୍ୟନ୍ତ ବିଚରଣ କରୁଥିବାରୁ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ସୋମବାର ଏଥିନେଇ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି । ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ମହାନଦୀର ମଧୁସୂଦନ ସେତୁଠାରୁ ଧବଳେଶ୍ୱର ପଠା ଇଲାକାରେ ଏକ ଅଣ୍ଟିଆ କୁମ୍ଭୀର ବୁଲୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ ।

# ଟ୍ରକ୍ ଧକ୍କାରେ ମାଆ ମୃତ, ପୁଅ ଗୁରୁତର

ମାର୍ଶାଘାଇ,୨୦।୨(ଡି.ଏନ୍.ଏ.)

ମାର୍ଶାଘାଇ ଥାନା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ସିଲିପୁର ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ତାଙ୍କ ପୁଅ ଗୁରୁତର ହୋଇଛନ୍ତି । ପୋଲିସର ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଜମ୍ବୁ ମେରାଇନ ଥାନା ଅନ୍ତର୍ଗତ ଭାଟେଣୀ ଗ୍ରାମର ମଞ୍ଜୁଲତା ଗୋଲ ବଡ଼ ପୁଅ ଶିବବ୍ରତଙ୍କ ସହ ଏକ ବାଇକ୍(ନଂ. ଓଡ଼ି୨୯ ଡି୪୭୭୦)ରେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ଯାଉଥିଲେ । ହେଲେ ସିଲିପୁର ଛକ ନିକଟ ମା'ଶାରଳା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ଚାଲି ଯାଇଥିଲା । ମଞ୍ଜୁଲତା ଓ ଶିବବ୍ରତ ରାସ୍ତା ଉପରେ ଛିଟିକି ପଡିଥିଲେ । ଘଟଣାସ୍ଥଳରେ ମଞ୍ଜୁଲତାଙ୍କ ମୃତ୍ୟୁ ଘଟିଥିବା ବେଳେ ଶିବବ୍ରତଙ୍କୁ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଡାକ୍ତରଖାନା ପଠାଯାଇଥିଲେ । ଡାକ୍ତର ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ସାନପୁଅ ଶମ୍ଭୁଜୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ଆଳି,୨୦।୨(ଡି.ଏନ୍.ଏ.)

ରବିବାର ବିଳମ୍ବିତ ରାତିରେ କଟକ-ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ଏକ ହାଇୱା ଓ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଆହତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ବିଞ୍ଝାରପୁର ଥାନା ଅନ୍ତର୍ଗତ କଣ୍ଟିତର ଗ୍ରାମର ବିଶ୍ୱଜିତ ବେହୁରିଆ ଜଗତସିଂହପୁର ଜିଲାର ବାଲିକୁଦା ଭାରତ ଫାଇନାନ୍ସର ଶାଖା ପରିଚାଳକ ଭାବେ କାର୍ଯ୍ୟରତ ଥିଲେ । ରବିବାର ବିଶ୍ୱଜିତ ଓ ଅଫିସର ଜଣେ କର୍ମଚାରୀ ତଥା ପୁରୀ ଅସ୍ତରଙ୍ଗର ସନ୍ତୋଷ କୁମାର ବେହେରାଙ୍କ ସହ ଘରକୁ ଆସିଥିଲେ । ସନ୍ଧ୍ୟାରେ ଉଭୟ ଜଗତସିଂହପୁର ଅଭିମୁଖେ ବାଇକ୍(ନଂ.ଓଡି ୦୨ ବିଜେଡ୍ ୧୪୦୪)ରେ ଫେରୁଥିଲେ । ଏହି ସମୟରେ କଟକ -ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ଏକ ହାଇୱା(ନଂ.ଓଆର ୦୪ଜ ୨୩୯୧) ସହିତ ବାଇକ୍‌ର ଧକ୍କା ହୋଇଥିଲା । ଦୁହେଁ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ଆଳି ଦମକଳ କେନ୍ଦ୍ରର କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଆଳି ମେଡିକାଲ ଆଣିଥିଲେ । ବିଶ୍ୱଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ସନ୍ତୋଷଙ୍କୁ କଟକ ବଡ଼ ମେଡିକାଲ ରେଫର କରାଯାଇଛି । ଏ ନେଇ ବିଶ୍ୱଜିତଙ୍କ ବାପା ଆଳି ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ଆଳି ଥାନା ପୋଲିସ ଏକ ମାମଲା(ନଂ ୧୯୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସିଂହପୁର,୨୦।୨(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡି ପଡ଼ିଆରେ ସିଂହପୁର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଳି, କେନ୍ଦ୍ରାପଡ଼ା, ଧାମନଗର, ସିଂହପୁର, ଈଶ୍ୱରପୁର, ଜୟନଗର କଟକ, ଯାଜପୁର ଟାଉନ ଓ ବିରିପଟା ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ାକୁ ହରାଇ ଧାମନଗର ଚାମ୍ପିୟନ ହୋଇଥିଲା । ଖେଳକୁ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଇଂ. ପଦ୍ମନାଭ ଦାଶ ଉଦ୍‌ଘାଟନ କରିଥିଲେ । ଅନିଲ ବିଶ୍ୱାଳ ଓ ଶ୍ରୀକାନ୍ତ ଘଡାଇ ଖେଳ ପରିଚାଳନା କରିଥିଲେ । ଚାମ୍ପିୟନ ଧାମନାଗର ଟିମକୁ ୬ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ୍ ଟିମ କେନ୍ଦ୍ରାପଡ଼ାକୁ ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମ୍ମାନିତ ଅତିଥି ପ୍ରାକ୍ତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରା, ଜରି ସରପଞ୍ଚ ନନ୍ଦକିଶୋର ମଲିକ, ପ୍ରମୋଦ ସାମଲ, ପ୍ରଦୀପ ଜେନା, ସୁବାସ ଚନ୍ଦ୍ର ପ୍ରଧାନ, ଦିନବନ୍ଧୁ ସାହୁ, ମଳୟ ଥାଟୋଇ, ଗନ୍ଧର୍ବ ଦାସ, ସମରେନ୍ଦ୍ର ବେଉରିଆ ଯୋଗ ଦେଇଥିଲେ । ଶ୍ୟାମ ସୁନ୍ଦର ବେହେରା, ନିଳନ ସାହୁ, ରାକେଶ ଖିଲାର, କାହ୍ନା ସୌରଭ, କୃଷ୍ଣଚନ୍ଦ୍ର ବେହେରା ଓ ସିଂହପୁର ସ୍ପୋର୍ଟିଂ କ୍ଲବର ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଦୀର୍ଘ ୨୦ ବର୍ଷପରେ ସିଂହପୁରରେ ଭଲିବଲ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା ।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

# ରାତିଅଧିଆ ଚାଲିଛି ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ



ରାତିରେ ରାସ୍ତାକାମ ଚାଲିଛି ।

କୋରେଇ,୨୦।୨(ଡି.ଏନ.ଏ)

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ତଥା ପଞ୍ଚାୟତକୁ ସଂଯୋଗୀକରଣ ନିମନ୍ତେ ସମୁଦାୟ ୧୩ଟି ରାସ୍ତାର ମରାମତି ଓ ପ୍ରଶସ୍ତିକରଣ ଆରମ୍ଭ ହୋଇଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ କେତେକ କାର୍ଯ୍ୟ ରାତିଅଧିଆ ଚାଲିଥିବା ଦେଖିବାକୁ ମିଳିଛି । ଏଥିରୁ ୧୦ଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ) ହୋଇଥିବାବେଳେ ୩ଟି ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ଏମ୍‌ଏମ୍‌ଏସ୍‌ୱାଇ) ରହିଛି । ତେବେ ଆସନ୍ତା ନିର୍ବାଚନ ଖର୍ଚ୍ଚ ପାଇଁ କେଉଁ ବିଭାଗରୁ କେତେ ଅର୍ଥ ଆଦାୟ ହୋଇପାରିବ ସେଥିପାଇଁ ତଳିଆ ନେତାଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଜନପ୍ରତିନିଧିମାନେ ଲାଗିପଡିଛନ୍ତି । ଏଥିସହିତ ବିଭାଗୀୟ ଅଧିକାରୀମାନେ ପ୍ରଶାସନକୁ ଆଖିଠାର ମାରି ଜନପ୍ରତିନିଧିମାନଙ୍କୁ ଅର୍ଥ ଆଦାୟ କରି ଦେବାରେ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି । ନେତା, ଠିକାଦାର ଓ ଅଧିକାରୀ ମେଣ୍ଟ କରି ଲୁଟୁଥିବାରୁ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଛି, ଯାହାକି ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ନଷ୍ଟ ହୋଇଯାଉଛି ।

କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟଠାରୁ ପୂର୍ବକୋଟ ୬.୪୯୦ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪.୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ତେବେ ନିର୍ମାଣ କାର୍ଯ୍ୟ ନିମ୍ନମାନର ଚାଲିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଅଭିଯୋଗ ଅନୁଯାୟୀ, ୭୨୭.୪୩ ଘନ ମିଟର ଚିପ୍ସ ବ୍ୟବହାର କରିବାକୁ ଚିଠାରେ ଉଲ୍ଲେଖ ରହିଛି । ହେଲେ ଏହାର ଅଧାଭାଗ ଚିପ୍ସ ମଧ୍ୟ ବ୍ୟବହାର ହେଉନାହିଁ । ୨୦,୪୪୦.୩ ଘନମିଟର ମାଟି କାମରେ ମଧ୍ୟ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ୨,୮୭୮.୭୧ ଘନମିଟର ମେଟାଲ ବ୍ୟବହାର ହେବାକୁ ଚିଠାରେ ଲେଖାଯାଇଛି । କିନ୍ତୁ ଏଥିରେ ମଧ୍ୟ ବଡ଼ଧରଣର ସଲାସୁତୁରା ସହ ମେଟାଲଗୁଡ଼ିକ ନିମ୍ନମାନର ବୋଲି ଅଭିଯୋଗ ହୋଇଛି । ସେହିପରି ଏଷ୍ଟିମେଟ୍ ଅନୁଯାୟୀ ପ୍ରାଇମର ଓ ପିଚୁ ନ ଦେଇ ଏକାଥରେ ରାତିଅଧିଆ ରନ୍ଧାପିଚୁ ଢାଳି କାର୍ଯ୍ୟ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାତିରେ କାମ ହେଉଥିବାରୁ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବା କୁହାଯାଉଛି ।

ସେହିପରି ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ପାଣିକୋଇଲି ରଗଡ଼ି ପୂର୍ତ୍ତ ବିଭାଗଠାରୁ କେନ୍ଦୁଝର ସୀମା ଭାୟା କଡ଼ମା ରାସ୍ତାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି କାମରେ ସାଇଡ୍ ଫିଲିଂ କାର୍ଯ୍ୟ ଚାଲୁରହିଛି । ତେବେ ସାମାନ୍ୟ ବଜୁରୀ ଦେଇ କେବଳ ଡଷ୍ଟ ଦ୍ୱାରା ଫିଲିଂ କରାଯାଉଛି । ରାସ୍ତାକଡ଼ରେ ଥିବା ଚାଷଜମିରୁ ମାଟି ତାଡ଼ି ଦୁଇ ସାଇଡ୍‌କୁ ପୋତା ଯାଉଛି । ଫଳରେ ଓଭରହେଡ୍ ପାଣିଟାଙ୍କିରୁ ଜଳଯୋଗାଣ ପାଇଁ ରାସ୍ତାକଡ଼ରେ ବିଛାଯାଇଥିବା ପାଇପ୍‌ଗୁଡ଼ିକ ନଷ୍ଟ ହୋଇଯାଇଛି । ଫଳରେ ୩ ଗ୍ରାମକୁ ଜଳ ଯୋଗାଣ ପ୍ରାୟ ଦେଢ ମାସ ହେବ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ଘଟିଛି । ଏନେଇ ଗ୍ରାମବାସୀମାନେ କୋରେଇ ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ । ଏନେଇ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ବେହେରାଙ୍କୁ ପଚାରିବାରେ ନିଜେ ଉପସ୍ଥିତ ରହିବା ସହ କାମ ସମ୍ପୂର୍ଣ୍ଣ ଠିକ ଚାଲୁଥିବା ସେ କହିଛନ୍ତି । ତେବେ ଗ୍ରାମବାସୀଙ୍କ ବିରୋଧ ପାଇଁ ଗୋଟିଏ ଦିନ ରାତିରେ କାମ ହୋଇଥିବା ସେ କହିଛନ୍ତି ।

**ମାନସିକ ବିକାରଗ୍ରସ୍ତ ଯୁବକ ଉଦ୍ଧାର**

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭଏସ୍ ଅଫ୍ ବାଲିକୁଦାର ସଦସ୍ୟମାନଙ୍କ ଦ୍ୱାରା ଦଶବାଟିଆ ବଜାରରେ ପରିତ୍ୟକ୍ତ ଅବସ୍ଥାରେ ବୁଲୁଥିବା ବେଳେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ସୋମବାର ଉଦ୍ଧାର କରାଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ ସମ୍ପୃକ୍ତ ଯୁବକଙ୍କ ଚୁଟି ଦାଢ଼ି କାଟିବା ପରେ ତାଙ୍କୁ ସାବୁନ ଲଗାଇ ପରିଷ୍କାର ପରିଚ୍ଛନ୍ନ କରି ଗାଧୋଇଦେଇଥିଲେ। ପରେ ତାଙ୍କୁ ଖାଇବାକୁ ଦେଇ ନିକଟସ୍ଥ ଦଶବାଟିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଇଥିଲେ। ସଙ୍ଗଠନର ଏଭଳି ମହତ୍ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟରେ ସଙ୍ଗଠନର ସଦସ୍ୟ ସୁଧନ କୁମାର ମହାନ୍ତି, ରାଜେଶ ମହାରଣା, କୁନିଆ ନାୟକ, ପପୁ ମହାନ୍ତି, ବାପିନା ଓଝା, ରୁଦ୍ର ପ୍ରଧାନ, ଜଗା ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶାଶୁ ଶ୍ୱଶୁରଙ୍କୁ ବୋହୂଙ୍କ ହତ୍ୟା ଧମକ

ବାଲିକୁଦା,୨୦।୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ବନ୍ଦର ମେରାଇନ ଥାନା ଅଧୀନ କେରବେଲାରୀ ଗାଁର ପରିଣତ ବୟସର ଶାଶୁ ଓ ଶ୍ୱଶୁରଙ୍କୁ ତାଙ୍କ ବଡ ବୋହୂ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଦଫା ୩୪୧,୨୯୪,୫୦୬,୩୪ ଆଇପିସିରେ ନଂ. ୧୫/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, କେରାବେଲାରୀ ଗାଁର ଗୌରାଙ୍ଗ ଚରଣ ମହାନ୍ତି (୭୫)ଙ୍କ ୩ ପୁଅ ଅଛନ୍ତି। ପୁଅମାନଙ୍କ ବିବାହ ଗୌରାଙ୍ଗ ସାରି ଦେଇଥିଲେ। ପରେ ତାଙ୍କର ଥିବା ସମସ୍ତ ସମ୍ପତ୍ତିକୁ ୩ ଭାଗ କରି ୩ ପୁଅ ବଣ୍ଟନ କରିଥିଲେ। ପରିଣତ ବୟସର ସେବା କରିବା ପାଇଁ ପୁଅମାନଙ୍କୁ କହିଥିଲେ। କିନ୍ତୁ ଏଥିରେ ଉତ୍କ୍ଷିପ୍ତ ହୋଇ ବଡପୁଅ କ୍ଷୀରୋଦ ଓ ତାର ସ୍ତ୍ରୀ ରୀନା ଆମେ ସମ୍ପତ୍ତି ନେବୁ କିନ୍ତୁ ତୁମର କିଛି ସେବା କରିପାରିବୁ ନାହିଁ ବୋଲି ମନା କରି ଦେଇଥିଲେ। ଏ ସମ୍ପର୍କରେ ମା' ବାପା ପଚାରିବାରୁ ବୋହୂ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଶ୍ୱଶୁର ନାମରେ ବଳାତ୍କାର ମାମଲା ଲଗାଇବାକୁ ଧମକ ଦେଇଥିଲେ। ଏମିତିକି ଆମକୁ ସମ୍ପତ୍ତି ନ ଦେଲେ ୨ଜଣଙ୍କୁ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଛନ୍ତି।

### ଅଙ୍ଗନୱାଡ଼ି କେନ୍ଦ୍ରରୁ ଗ୍ୟାସ ସିଲିଣ୍ଡର, ଚାଉଳ ଚୋରି

ବାଲିକୁଦା,୨୦।୨(ସ୍ୱ.ପ୍ର.): ମାଛଗାଁ ପଞ୍ଚାୟତ ଓଡିନ୍ଦା 'ଖ' ଅଙ୍ଗନବାଡ଼ି କେନ୍ଦ୍ରରୁ ରବିବାର ରାତିରେ ଚୋରି ହୋଇଛି। ଚୋରମାନେ କେନ୍ଦ୍ରର କବାଟ ତାଲା ଭାଙ୍ଗି ଭିତରେ ପିଲାଙ୍କ ରୋଷେଇ ପାଇଁ ସରକାର ଯୋଗାଇ ଦେଇଥିବା ଗ୍ୟାସ ସିଲିଣ୍ଡର ସମେତ ୫୦ କେଜି ଚାଉଳ ଓ ଅନ୍ୟ ଜିନିଷ ପତ୍ର ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜଣାପଡ଼ିଛି। ସୋମବାର ସକାଳେ ଅଙ୍ଗନୱାଡି କର୍ମୀ ଗୋଲାପ ଦାସ କେନ୍ଦ୍ରକୁ ଯାଇ ଦେଖିଲେ କବାଟ ତାଲା ଭଙ୍ଗା ଯାଇଛି। ଏ ସମ୍ପର୍କରେ ସେ ସୁପରଭାଇଜର ସ୍ମିତା ମହାନ୍ତିଙ୍କୁ ଫୋନ କରି ଜଣାଇଥିଲେ। ସୁପର ଭଶଇଜର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଗାଁ ଲୋକଙ୍କୁ ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପରାମର୍ଶକ୍ରମେ ଏ ନେଇ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ସୂଚନା ମିଳିଛି।

### ଉପଖଣ୍ଡସ୍ତରୀୟ ଭିଜିଲାନ୍ସ କମିଟି ଗଠିତ

ରାହାମା,୨୦।୨ (ଡି.ଏନ.ଏ.) : ଜଗତ୍‌ସିଂହପୁର ଜିଲାପାଳଙ୍କ ସୁପାରିସକ୍ରମେ ଉପଖଣ୍ଡସ୍ତରୀୟ ଭିଜିଲାନ୍ସ କମିଟି ଉପଜିଲାପାଳଙ୍କ ଦ୍ୱାରା ଗଠନ କରାଯାଇଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମପଞ୍ଚାୟତ ତେରମାଣପୁର (ବାଲିସାହି) ଗାଁର ସାମାଜିକ କର୍ମୀ ଡ. ସୁନାକର ବେହେରାଙ୍କୁ ଭିଜିଲାନ୍ସ କମିଟିରେ ସଦସ୍ୟ ରୂପେ ମନୋନୀତ କରାଯାଇଛି। ସେ କହିଛନ୍ତି, ବର୍ତ୍ତମାନ ଯେଉଁଭଳି ଭାବେ ଦୁର୍ନୀତି ପ୍ରତ୍ୟେକ ସ୍ତରରେ ବୃଦ୍ଧି ପାଇବାରେ ଲାଗିଛି ସେଥିପ୍ରତି ସାଧାରଣ ଜନତା ସଚେତନତା ହେବା ସହ ନିଜେ ପ୍ରଶାସନିକ ଅଧିକାରୀଙ୍କ ସହ ବିଚାରବିମର୍ଶ କରି ଜନସଚେତନତା ପ୍ରତି ବିଶେଷ ଧ୍ୟାନଦେବା ନେଇ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଉକ୍ତ କମିଟିରେ ଉପଜିଲାପାଳ ଜଗତ୍‌ସିଂହପୁର ଅଧକ୍ଷ ରହିଥିବା ସ୍ଥଳେ ବିଧାୟକ ସମ୍ବିତ ରାଉତରାୟ, ଏସ୍‌ପି ସଦସ୍ୟ, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସମ୍ପାଦକ ରହିଛନ୍ତି। ସାମାଜିକ କର୍ମୀ ଅରୁଣ କୁମାର ବେହେରା, ବ୍ରଜକିଶୋର ମହାରାଜ, ସାକ୍ରା ଟୁଡୁ, ଜ୍ୟୋତିରଞ୍ଜନ ବାରିକ, କଳ୍ପନା ସୂତାର ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି।

# ଜଗତ୍‌ସିଂହପୁର, ପାରାଦୀପରେ ପଲିଥିନ ବ୍ୟାନ୍ ପ୍ରହସନ

- ଅଭିଯୋଗ ହେଲେ ଉପର ଠାଉରିଆ ଚଢ଼ାଉ
- ଉଭୟ ପୌର ପ୍ରଶାସନର ନିଘା ନାହିଁ

ଜଗତ୍‌ସିଂହପୁର ଅଫିସ, ୨୦।୨

୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଛନ୍ତି। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ ପ୍ରହସନ ପାଲଟିଛି। ବିଭିନ୍ନ ଦୋକାନ, ବଜାରରେ ପଲିଥିନ୍ ଖୁଲମଖୁଲା ବିକ୍ରି ଚାଲିଛି। ଏଥିମଧ୍ୟରେ ଉପରଠାଉରିଆ ଭାବେ କାଁ ଭାଁ ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ଚଢ଼ାଉ କରାଯାଉଛି। ହେଲେ ପଲିଥିନ ବିକ୍ରି ଉପରେ ଅଙ୍କୁଶ ଲାଗି ପାରିନାହିଁ। ଯାହାକି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେଉଁ ପଲିଥିନ୍‌ଗୁଡିକ ଠିକ୍ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ। ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଏହି ପଲିଥିନ୍‌ଗୁଡିକର ଉତ୍ପାଦନ ହୋଇପାରିବ ନାହିଁ। ଯଦି କେଉଁଠି ରହିଯାଇଥିବ ତେବେ ତାହା କିଣା, ବିକା ହୋଇପାରିବ ନାହିଁ। ଅର୍ଥାତ୍ ଏହି ପଲିଥିନ ଉପରେ ଅଙ୍କୁଶ ଲଗାଯାଇଥିଲା। ଏପରି କି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ୍, ପ୍ଲେଟ୍, ଗ୍ଲାସ୍ ଆଦି ମଧ୍ୟ ବ୍ୟବହାର ହୋଇପାରିବନାହିଁ। ଯେଉଁ ପଲିଥିନ୍‌ର ସ୍ଥୂଳତା (ଥିକ୍‌ନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ। କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବାକୁ ଉପଯୁକ୍ତ ମାନର ପଲିଥିନ୍ ବ୍ୟବହାର କରାଯାଇପାରେ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲେ ସୁଦ୍ଧା ଜିଲାରେ ଏହା ପାଳନ କରାଯାଉନାହିଁ। ବିଶେଷକରି ଜିଲା ମୁଖ୍ୟାଳୟ ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳ ସହରରେ ଅବାଧରେ ପଲିଥିନ ବିକ୍ରି ଚାଲିଛି। ପାନ ଦୋକାନଠାରୁ, ରାଶନ, ଷ୍ଟେସନାରୀ ଓ ଜଳଖିଆ ଆଦି ପ୍ରାୟ ଦୋକାନରେ ପଲିଥିନ୍ ଖୋଲା ଖୋଲି କାରବାର ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଯେତେବେଳେ ପଲିଥିନ୍ ବ୍ୟାନ୍ ଘୋଷଣା କଲେ ସେତେବେଳେ କିଛିଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ଧୀରେ ଧୀରେ ପୂର୍ବପରି ପଲିଥିନ୍ ବ୍ୟବହାର ହେବାରେ ଲାଗିଛି। ବଡ କଥା ହେଲା ଜିଲାରେ ପଲିଥିନ୍ ଉତ୍ପାଦନ ହେଉନାହିଁ। କଟକରୁ ପ୍ରାୟତଃ ପଲିଥିନ୍ ଆସୁଛି। ସରକାର ପଲିଥିନ୍ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉ ନ ଥିବାରୁ କାରବାର ବନ୍ଦ ହୋଇପାରୁନାହିଁ ବୋଲି କେତେଜଣ ବ୍ୟବସାୟୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଅନ୍ୟପକ୍ଷରେ ଜିଲାର ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପକ୍ଷରୁ ପଲିଥିନ୍ ବନ୍ଦ ପାଇଁ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ କରାଯାଇଥିଲା। କିନ୍ତୁ କମିଟି ପକ୍ଷରୁ ଆଶାନୁରୂପ ଚଢ଼ାଉ କରାଯାଉ ନ ଥିବାରୁ ପଲିଥିନ୍ ପୂର୍ବପରି ବ୍ୟବହୃତ ହେଉଛି। ଯେତେବେଳେ ଅଭିଯୋଗ ହେଉଛି ସେତେବେଳେ ଉଭୟ ପରିଷଦ ଚେଇଁ ଉଠୁଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରେ ପଲିଥିନ ବ୍ୟାନ କଡାକଡି ଭାବେ ପାଳନ ପାଇଁ ବିଭାଗୀୟ ପତ୍ର ହସ୍ତଗତ ହୋଇଛି। ଖୁବ୍‌ଶୀଘ୍ର ନୂଆ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ ପରେ ଚଢ଼ାଉ ଯୋରଦାର କରାଯିବ ବୋଲି କହିଛନ୍ତି।

# ଯୁବସମାଜ ସେବା ମନୋଭାବ ପୋଷଣ କରନ୍ତୁ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ତିର୍ତ୍ତୋଲ, ୨୦।୨ (ଡି.ଏନ୍.ଏ.)

ଯୁବସମାଜ ସେବା ମନୋଭାବ ପୋଷଣ କଲେ ସମାଜ ଅଧିକ ଶୃଙ୍ଖଳିତ ହେବ ବୋଲି ସୁଚିନ୍ତା ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଜିଲାର ଅଗ୍ରଣୀ ସାମାଜିକ ଓ ସେବା ସଙ୍ଗଠନ ସୁଚିନ୍ତା ସେବା ଆମ ସମାଜର ପ୍ରଥମ ବାର୍ଷିକ ଉତ୍ସବ ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତ ଏକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାଲାଗାୟକ ଜଗନ୍ନାଥ ବେହେରା ଓ ସାମାଜିକ କର୍ମୀ ବୈଷ୍ଣବ ଚରଣ ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥିମାନେ ଉପରୋକ୍ତ ମତ ପୋଷଣ କରି ଯୁବକମାନଙ୍କୁ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଉପଦେଶ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ବସନ୍ତ ମଞ୍ଜରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଗନ ବିହାରୀ ପାଇଟାଳ, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର କୁମାର ଲେଙ୍କା, ଆଇନଜୀବୀ ମଞ୍ଜୁଲତା ରାଉତ, ପ୍ରେମଲତା ବାରିକ, କବି କୈଳାସ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁନାକର ବେହେରା ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଆଦିତ୍ୟ ମହାନ୍ତି, ଶେଷ ପ୍ରକାଶ ଓଝା ପ୍ରମୁଖ କରିଥିବା ବେଳେ ସୁଚିନ୍ତାର ସମ୍ପାଦକ ଶିବପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଶେଷରେ ଜିଲାର ସ୍ୱେଚ୍ଛାକୃତ ରକ୍ତଦାତା, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଞ୍ଚାୟତ ପ୍ରତିନିଧି, ୱାର୍ଡସଭ୍ୟଙ୍କ ଧାରଣା


ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ୬ ବର୍ଷ ଧରି ୧୦ ୱାର୍ଡବାସୀ ପାନୀୟଜଳରୁ ବଞ୍ଚିତ

ରଘୁନାଥପୁର,୨୦।୨(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଜଗନାଥପୁର ପଞ୍ଚାୟତର ୧୦ ୱାର୍ଡବାସୀ ୬ ବର୍ଷ ଧରି ସରକାରଙ୍କ ପାନୀୟଜଳ ପ୍ରକଳ୍ପ ଜରିଆରେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନେକଥର ଏ ସମ୍ପର୍କରେ ପଞ୍ଚାୟତବାସୀ ଓ ଜନପ୍ରତିନିଧିମାନେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି କୌଣସି ସୁଫଳ ନ ପାଇବାରୁ ବାଧ୍ୟ ହୋଇ ସୋମବାର ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସରପଞ୍ଚ ଜଗନାଥ ମଲ୍ଲିକ, ସମିତିସଭ୍ୟା ପ୍ରମିଳା ବେହେରା, ନାଏବ ସରପଞ୍ଚ ମମତା ସାହୁଙ୍କ ସମେତ ସମସ୍ତ ୱାର୍ଡର ୱାର୍ଡସଭ୍ୟାସଭ୍ୟମାନେ ଧାରଣାରେ ବସି ରହି ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଥିଲେ। ଦୀର୍ଘ ସମୟ ଧରି ବସି ରହିବା ପରେ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସେଠୀ ଓ କନିଷ୍ଠ ଯନ୍ତ୍ରୀ ଦୀପାଳିକା ବିଶ୍ୱାଳ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରି ଆସନ୍ତା ୪ ଦିନ ମଧ୍ୟରେ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୨୦୧୭ ମସିହାରେ ୯୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପଞ୍ଚାୟତରେ ବୋରିଂ ସହ ପାଣି ଟାଙ୍କି ସ୍ଥାପନ ହୋଇଥିଲା। ଉକ୍ତଦିନଠାରୁ କେବଳ ୧ ଓ ୨ ନଂ. ୱାର୍ଡକୁ ଛାଡି ଦେଲେ ଅନ୍ୟ ୧୦ ଟି ୱାର୍ଡବାସୀ ପାନୀୟ ଜଳ ସେବାରୁ ବଞ୍ଚିତ ହେଉଛନ୍ତି। ଏହାଛଡା ହୋଇଥିବା ପାଣିଟାଙ୍କିରେ ପାଣି ମହଜୁଦ ରହୁନି ବୋଲି ସରପଞ୍ଚ ମଲ୍ଲିକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ୱାର୍ଡବାସୀ କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ଧାର୍ଯ୍ୟ ସମୟ ମଧ୍ୟରେ ସ୍ଥାୟୀ ପ୍ରତିକାର କରା ନ ଗଲେ ପଞ୍ଚାୟତବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି।

## କୁଜଙ୍ଗ ବାର୍‌ର ଇ-ଲାଇବ୍ରେରି ଉଦ୍‌ଘାଟିତ

କୁଜଙ୍ଗ,୨୦।୨ (ଡି.ଏନ୍.ଏ.)

ସୁପ୍ରିମକୋର୍ଟ ବିଚାରପତି କେ.ଏମ୍. ଜୋସେଫ୍‌ଙ୍କ ଦ୍ୱାରା ସୋମବାର ଅପରାହ୍ନ ୫ଟାରେ ଭର୍ଚୁଆଲ ମୋଡ୍‌ରେ କୁଜଙ୍ଗ ବାର୍‌ର ଇ-ଲାଇବ୍ରେରି ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲିଧର ଉଦ୍‌ବୋଧନ ଦେଇଥିଲେ। ହାଇକୋର୍ଟ ପାଠାଗାର କମିଟି ଅଧକ୍ଷ ବିଚାରପତି ଏସ୍.କେ. ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ହାଇକୋର୍ଟ ପାଠାଗାର କମିଟିର ସଭ୍ୟ ବିଚାରପତି କେ.ଆର୍. ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କୁଜଙ୍ଗ ବାର୍ ଆସୋସିଏଶନ ହଲ୍‌ରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥସାରଥି ପଟ୍ଟନାୟକ, ଜଗତ୍‌ସିଂହପୁରର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରିୟରଞ୍ଜନ ମିଶ୍ର, କୁଜଙ୍ଗର ସବ୍‌ଜଜ୍ ଚିନ୍ମୟୀ ପଣ୍ଡା, ମୁନିସଫ୍ ଅନୁରାଧା ଶର୍ମା, ଜେଏମ୍‌ଏଫ୍‌ସି ସୁନିତା ମିଶ୍ର, କୁଜଙ୍ଗ ବାର୍ ଆସୋସିଏଶନର ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦକ ଦାମୋଦର ସ୍ୱାଇଁଙ୍କ ସମେତ ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ ଅଭିଯୋଗ

### ନନ୍ଦିକେଶ୍ୱର ଜାଗରଯାତ୍ରାରେ ଗଣ୍ଡଗୋଳ ଘଟଣା

ନାଉଗାଁ,୨୦।୨(ସ୍ୱ.ପ୍ର.)

ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ ନନ୍ଦିଗ୍ରାମର ପୁରାତନ ଶୈବପୀଠ ନନ୍ଦିକେଶ୍ୱରଙ୍କ ଜାଗରଯାତ୍ରାରେ ଗଣ୍ଡଗୋଳକୁ ନେଇ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍‌ଅଭିଯୋଗ କରାଯାଇଛି। ନନ୍ଦିଗ୍ରାମର ନନ୍ଦିକେଶ୍ୱର ୟୁଥ୍ କ୍ଲବ ଓ ଗ୍ରାମବାସୀଙ୍କ ପକ୍ଷରୁ ରବିବାର ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ମୁତାବକ, ନନ୍ଦିକେଶ୍ୱର ଶୈବପୀଠଟି ବହୁ ପ୍ରାଚୀନ । ଏଠାରେ ପ୍ରତିବର୍ଷ ମହାଶିବରାତ୍ରି ମହାସମାରୋହରେ ପାଳିତ ହୁଏ। ସ୍ଥାନୀୟ ଅଞ୍ଚଳ ବ୍ୟତୀତ ବ୍ଲକ ବାହାରୁ ମଧ୍ୟ ଉକ୍ତ ପୀଠକୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ଚଳିତବର୍ଷ ଜାଗରଯାତ୍ରାରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଜମିଥିବା ସମୟରେ କେତେଜଣ ଅସାମାଜିକ ଯୁବକ ଯଥା ନନ୍ଦିଗ୍ରାମର ସତ୍ୟବ୍ରତ ଦାସ ଓ ଚକୁଳିପଡ଼ାର ନନ୍ଦନ ଦାସ ଭଜନ ସମାରୋହ ଚାଲିଥିବା ସମୟରେ ଏହାକୁ ଇଙ୍ଗିତ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ଗ୍ରାମବାସୀ ଓ ୟୁଥ୍ କ୍ଲବ ପକ୍ଷରୁ ସେମାନଙ୍କୁ ରୋକିବା ସମୟରେ ସେମାନଙ୍କ ସହ ଧସ୍ତା ଧସ୍ତି ହୋଇଥିଲା। ଉକ୍ତ ଅନୁଷ୍ଠାନକୁ ବଦନାମ କରିବାକୁ ଉକ୍ତ ଅସାମାଜିକ ବ୍ୟକ୍ତି ଚେଷ୍ଟା ଚଳାଇଥିଲେ। ତେଣୁ ଏକ ଧାର୍ମିକ ଅନୁଷ୍ଠାନରେ ଏପରି ଅସାମାଜିକ କାର୍ଯ୍ୟ କରୁଥିବା ଯୁବକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଓ ୟୁଥ୍ କ୍ଲବ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସେହିପରି ଉକ୍ତ ଗଣ୍ଡଗୋଳକୁ ନେଇ ସୋମବାର ନନ୍ଦିଗ୍ରାମର ସୁଚିତ୍ରା ଦାସ ଓ ଚକୁଳିପଡ଼ାର ସସ୍ମିତା ଦାସ ୨ଟି ଅଭିଯୋଗ ପ୍ରଦାନ କରିଛନ୍ତି। ସୁଚିତ୍ରାଙ୍କ ଅଭିଯୋଗ ମୁତାବକ ନନ୍ଦିଗ୍ରାମ ଶିବମନ୍ଦିରରେ ଭଜନ ସମାରୋହ ଚାଲିଥିବା ବେଳେ ସତ୍ୟବ୍ରତ ଦାସ ଓ ଦେବବ୍ରତ ସେଠୀ ଆଦି ଚେୟାର ଉପରେ ବସି ଭଜନ ସମାରୋହ ଦେଖୁଥିବା ସମୟରେ ଉକ୍ତ ଗ୍ରାମର ଅନିରୁଦ୍ଧ ପାଢୀ, ସୂର୍ଯ୍ୟକାନ୍ତ ପରିଡ଼ା, ବବୁଲ ରଣା ପ୍ରମୁଖ ଆସି ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିବା ସହ ମରଣାତ୍ମକ ଆକ୍ରମଣ କରିଥିଲେ। ଏହି ସମୟରେ ଆମେ ଅଟକାଇବାରୁ ଆମକୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେହିପରି ଚକୁଳିପଡ଼ାର ସସ୍ମିତା ସମାନ ରୂପକ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ ତଦନ୍ତ ଚାଲୁ ରହିଥିବା ଆଇଆଇସି ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।

# ଦିବ୍ୟାଙ୍ଗ ଲୋମା ରୌପ୍ୟ ପଦକ ଜିତିଲେ

କୁଜଙ୍ଗ ୨୦।୨ (ଡି.ଏନ.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇ ଗାଁର ୨୩ ବର୍ଷୀୟା ମୂକ ବଧିର ଝିଅ ଲୋମା ସ୍ୱାଇଁ ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତାରେ ମହିଳା ବରିଷ୍ଠ ବର୍ଗରେ ଭାଗ ନେଇଥିଲେ। ସେ ୫୦କି.ଗ୍ରା. ଫାଇଟିଂରେ ରୌପ୍ୟପଦକ ହାସଲକରି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ଜନ୍ମମାଟି କୁଜଙ୍ଗରେ ଆନନ୍ଦର ଲହର ଖେଳିଯାଇଛି। ଏଥିନିମନ୍ତେ ତାଙ୍କୁ ବିଭିନ୍ନ ବର୍ଗରୁ ଅଭିନନ୍ଦନର ସୁଅ ଛୁଟିଛି। ତାଙ୍କର ଏହି କୃତିତ୍ୱ ପାଇଁ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ଡ. ବିଭୁପ୍ରସାଦ ତରାଇ,



ଅତିଥିମାନେ ଲୋମାଙ୍କୁ ପୁରସ୍କୃତ କରୁଛନ୍ତି।

### ଜାତୀୟ କରାଟେ ପ୍ରତିଯୋଗିତା

ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇ. ପ୍ରମୋଦ କିଶୋର ଜେନା, ଭାଜପା ନେତା ସମ୍ପଦ ସ୍ୱାଇଁ ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ରୋମାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ସୂଚନାଯୋଗ୍ୟ, ଲୋମା ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ପୂର୍ବରୁ ଶ୍ରୀଲଙ୍କା ଓ କାଜାଖସ୍ତାନରେ ଅନୁଷ୍ଠିତ କନିଷ୍ଠ ବର୍ଗ କରାଟେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୨୦୧୯ରେ ଫ୍ରାନ୍ସଠାରେ ଅନୁଷ୍ଠିତ ଜୁଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ ବି କୋଭିଡ୍ ସଂକ୍ରମଣ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ପୂର୍ବରୁ ରେସ୍‌ଲିଂରେ ୩ ଥର ଓଡ଼ିଶା ଚାମ୍ପିୟନ ହୋଇଛନ୍ତି। ଲୋମା ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ ବି ପରିବାରର ଆର୍ଥିକ ଦୁର୍ବଳତା ପାଇଁ ସେ ଉତ୍ତମ କୋଚିଂ ନେଇ ପାରୁନାହାନ୍ତି କି ପ୍ରତିଯୋଗିତାରେ ଭାଗନେବା ପାଇଁ ଅର୍ଥ ବାଧକ ସାଜୁଛି। ତେଣୁ ସରକାର ଯଦି ତାଙ୍କୁ ଚାକିରି ଯୋଗାଇ ଦେବେ ତେବେ ସେ ଆହୁରି ଉନ୍ନତି କରିବେ ବୋଲି ତାଙ୍କ ବାପା ସଞ୍ଜୟ ସ୍ୱାଇଁ ପ୍ରତିକ୍ରିୟାରେ କହିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ ମାମଲା: ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିକୁଦା,୨୦।୨(ସ୍ୱ.ପ୍ର.)

ବାଲିକୁଦା ଥାନା ଭୋଦା କରଞ୍ଜିଆ ମଠଠାରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ୩ ଜଣ ଯୁବକ ଟଣାଓଟରା ଘଟଣାରେ ଜଣକୁ ପୋଲିସ ପୂର୍ବରୁ ଗିରଫ କରିଥିବା ବେଳେ ସୋମବାର ଆଉ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ନାଉଗାଁ ଥାନା ଅଞ୍ଚଳର ମହେଶ ବେହେରା। ଜନୈକା ନବମ ଶ୍ରେଣୀ ଛାତ୍ରୀ ହାଇସ୍କୁଲରୁ ଘରକୁ ଫେରିବା ବାଟରେ କରଞ୍ଜିଆ ମଠ ନିକଟରେ ୩ଜଣ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ବାଲିକୁଦା ଥାନାରେ ଦଫା ୨୯୪,୩୪୧,୩୫୪ଏ, ୩୫୪ବି, ୫୦୬ ଆଇପିସି ୧୨ ପୋକ୍ସୋ ଆକ୍ଟରେ ନଂ. ୧୨/୨୩ରେ ମାମଲା ରୁଜୁ ହୋଇଥିଲା। ୩ ଅଭିଯୁକ୍ତ ହେଲେ ନାଉଗାଁ ଥାନା ଅଧୀନ ଚକୁଳିପଡା ଗ୍ରାମର ଲିଙ୍କୁନା ରାଉତ,ମହେଶ ବେହେରା ଓ ଅନ୍ୟଜଣେ ସୁଣ୍ଢଳ ଗ୍ରାମର। ଲିଙ୍କୁନାଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ରବିବାର ରାତିରେ ଏସ୍‌ଆଇ ବିଶ୍ୱଜିତ ଗଡନାୟକ ତାଙ୍କ ଟିମ୍ ନେଇ ମହେଶଙ୍କୁ ନାଉଗାଁ ଅଞ୍ଚଳରୁ ଗିରଫ କରିଥିଲେ। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ବୋଲି ଆଇଆଇସି ସଲିଳ ପ୍ରଧାନ ପ୍ରକାଶ କରିଛନ୍ତି।

# ବିଜୁ ମେମୋରିଆଲ ହସ୍ପିଟାଲର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ



ବୈଠକରେ ବିଧାୟକ ସମ୍ବିତ ରାଉତରାୟ ଓ ଅନ୍ୟମାନେ।

## ଆରକେଏସ୍‌ର ୨୮ତମ ଗଭର୍ନିଂ ବଡି ବୈଠକ

ପାରାଦୀପ, ୨୦।୨(ସ୍ୱ.ପ୍ର.)

ପାରାଦୀପର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବିଜୁ ମେମୋରିଆଲ ହସ୍ପିଟାଲର ଆରକେଏସ୍ (ରୋଗୀ କଲ୍ୟାଣ ସମିତି) ପକ୍ଷରୁ ୨୮ ତମ ଗଭର୍ନିଂ ବଡି ବୈଠକ ଅନୁଷ୍ଠିତ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆରକେଏସ୍ ସଦସ୍ୟ ବିଧାୟକ ସମ୍ବିତ ରାଉତରାୟ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ହସ୍ପିଟାଲର ଅବସରପ୍ରାପ୍ତ ଡାକ୍ତର ଗୋପ ଦାସ, ଆଇନଜୀବୀ ସୁରେଶ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ବସନ୍ତ ରାଉତ ୩ ଆର୍ଥିକ ବର୍ଷର ଆୟବ୍ୟୟ ହିସାବ ଦେଇଥିଲେ। ହସ୍ପିଟାଲ ପରିସରରେ ଆବର୍ଜନା ମୁକ୍ତ ପରିବେଶ ହଟାଇ ସୌନ୍ଦର୍ଯ୍ୟକରଣ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ଏତଦ୍‌ବ୍ୟତୀତ ବିଧାୟକ ଓ ଏମ୍‌ପି ପାଣ୍ଠି ବିନିମୟରେ କେତେକ ଉନ୍ନତିକରଣ କରାଯିବ ବୋଲି ବିଧାୟକ ରାଉତରାୟ କହିଥିଲେ। ସେହିପରି ହସ୍ପିଟାଲ ପ୍ରବେଶ ପଥରେ ଥିବା ମଦ ଦୋକାନ ପାଇଁ ସୃଷ୍ଟି ହେଉଥିବା ଅପ୍ରୀତିକର ପରିସ୍ଥିତି ପ୍ରସଙ୍ଗ ଆଲୋଚନା ହୋଇଥିଲା। ବିଦ୍ୟୁତ କଟ୍ ସମୟରେ ଉନ୍ନତମାନର ଜେନେରେଟର ଲଗାଇବାକୁ ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇଛି। ଶେଷରେ ସମିତି ସଦସ୍ୟମାନେ ହସ୍ପିଟାଲର ଚତୁଃପାର୍ଶ୍ୱ ଅନୁଧ୍ୟାନ କରିଥିଲେ।

# ୧୦୯ ଅଭିଯୋଗରୁ ମାତ୍ର ୭ଟି ତତ୍କାଳ ଫଇସଲା

ଜଗତ୍‌ସିଂହପୁର ଅଫିସ, ୨୦।୨

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୯ଟିଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ମାତ୍ର ୭ଟିର ତତ୍କାଳ ଫଇସଲା ହୋଇପାରିଥିଲା। ତେବେ ପଞ୍ଜୀକୃତ ଅଭିଯୋଗଗୁଡିକ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ସର୍ବାଧିକ ୧୦୨ଟି ରହିଥିଲା। ଯେଉଁଥିରେ ଆବାସ ଯୋଜନାରେ ଘର ପାଇବା ପାଇଁ ୫୧, ଜମିଜମା ୧୦, ରାଶନ କାର୍ଡ ୨, ଭତ୍ତା ୪, ପୋଲିସ ସମସ୍ୟା ୧, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୩୩, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ ଏବଂ ଅନ୍ୟାନ୍ୟ ୨୨ଟି ଅଭିଯୋଗ ଥିଲା। ଏହାବାଦ୍ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ବିବାହ ପ୍ରୋତ୍ସାହନ ରାଶି ବାବଦରେ ତିର୍ତ୍ତୋଲ ବ୍ଲକର ପ୍ରମୋଦ ମହାରଣା ଓ ସାରଦା ପ୍ରସନ୍ନ ରଣାଙ୍କୁ ୨,୫୦,୦୦୦ ଟଙ୍କା ଲେଖାଏ ଏବଂ ହୁଇଲ ଚେୟାର ଦିଆଯାଇଥିଲା। ଭିନ୍ନକ୍ଷମ ମାତାପିତାଙ୍କ ସନ୍ତାନଙ୍କ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ନାଉଗାଁ ବ୍ଲକର ସୀମାରାଣି ସାହୁଙ୍କୁ ୬,୦୬୫ ଟଙ୍କା, ଜଗତ୍‌ସିଂହପୁର ବ୍ଲକର ସୂର୍ଯ୍ୟକାନ୍ତ ପରିଡ଼ାଙ୍କୁ ୯,୬୨୪ ଟଙ୍କା ଏବଂ ବାଲିକୁଦା ବ୍ଲକର ଅଜୟ ବାରିକଙ୍କ ପୁଅ ଶିବାଶିଷ ଶାନ୍ତି ପ୍ରକାଶ ବାରିକଙ୍କୁ ଏକ ସିପି ହୁଇଲ ଚେୟାର ଦିଆଯାଇଥିଲା। ଏହି ସମୟରେ ଜିଲାପାଳ ପାରୁଲ ପଟାୱରୀଙ୍କ ସମେତ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ ଉପସ୍ଥିତ ଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ପିଆର୍, ଜିଲା ପରିଷଦ ଅତିରିକ୍ତ ବିକାଶ ତଥା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ଜଗତ୍‌ସିଂହପୁର ତହସିଲଦାର ତାରିଣୀ ରଞ୍ଜନ ରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।


ଜିଲାପାଳ ପାରୁଲ୍ ପଟୱାରି ଲୋକଙ୍କ ଅଭିଯୋଗ ଗ୍ରହଣ କରୁଛନ୍ତି।

### ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ପରିଚାଳନା ତ୍ରୁଟିରୁ ରକ୍ତ ଅଭାବ

ନୟାଗଡ଼ ଅଫିସ,୨୦।୨




■ରୋଗୀ ପାଉ ନାହାନ୍ତି
■ଗୁରୁତର ରୋଗୀ ରକ୍ତ ନ ପାଇବାରୁ ଉତ୍ତେଜନା
■ରିଜର୍ଭ ଷ୍ଟକ ଶେଷ କରି ଦେଉଛନ୍ତି
■ଉଦ୍‌ବେଗ ପ୍ରକାଶ କରି ତାଗିଦ୍ କଲେ ସିଡିଏମ୍‌ଓ
■ମନଇଛା ଦେଣନେଣ ଚାଲିଛି

ପରିଚଳାନାରେ ତ୍ରୁଟି କାରଣରୁ ସଙ୍କଟରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାର । ଫେବୃୟାରୀରେ ଶୂନ୍ୟ ହୋଇ ଯାଉଛି ରକ୍ତ ଭଣ୍ଡାର। ଏପରିକି ରିଜର୍ଭ ଷ୍ଟକକୁ ଶେଷ କରି ଦେଉଛନ୍ତି । ଗୁରୁତର ରୋଗୀଙ୍କ ପାଇଁ ରକ୍ତ ନ ଥିବାରୁ ରବିବାର ଉତ୍ତେଜନା ସୃଷ୍ଟି ହେବା ସହ ପାଟିତୁଣ୍ଡ ହୋଇଥିଲା । ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ରକ୍ତ ଦେଣ ନେଣରେ ଜାଣି ଶୁଣି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ହେଉଛି । ସେହିପରି ବ୍ଲଡ ବ୍ୟାଙ୍କ ଅଧିକାରୀ ଏହି ସମସ୍ୟା କଥା ବୁଝିବା ପାଇଁ ସମୟ ନାହିଁ । ରକ୍ତ ଅଭାବ ପରିସ୍ଥିତିକୁ ଦୂର କରିବାକୁ କିଛି ପଦକ୍ଷେପ ନେଉ ନାହାନ୍ତି । ଏପରିକି ବ୍ଲଡ କ୍ୟାମ୍ପକୁ ବିଭାଗୀୟ ଅଧିକାରୀ ଯାଉ ନାହାନ୍ତି ବୋଲି ଅଭିଯୋଗ ରହିଛି । ରିଜର୍ଭ ଷ୍ଟକ ଶେଷ ହେବା ପରେ ସିଡିଏମ୍‌ଓ ଉଦ୍‌ବେଗ ପ୍ରକାଶ କରିବା ସହ ଏଭଳି ଅବ୍ୟବସ୍ଥା ପାଇଁ ବିରକ୍ତ ହୋଇଥିଲେ। ସୋମବାର ୬ ୟୁନିଟ ରକ୍ତ ଥିବା ଦର୍ଶାଯାଇଛି। ତେବେ ରକ୍ତ ଅଭାବ ଦେଖାଇ ରୋଗୀଙ୍କୁ ଫେରାଇ ଦିଆଯାଉଛି। ଏନେଇ ଖଣ୍ଡପଡ଼ାର ରାମଚନ୍ଦ୍ର ନାୟକ କୁହନ୍ତି, ମୋର ଜଣେ ସମ୍ପର୍କୀୟଙ୍କ ପାଇଁ ରକ୍ତର ଆବଶ୍ୟକତା ଥିଲା। ଗୁରୁତର ରୋଗୀ ଥିବାରୁ ରକ୍ତ ନିହାତି ଦରକାର ଥିଲା । ହେଲେ 'ଓ ପଜେଟିଭ' ରକ୍ତ ବି ମିଳିଲା ନାହିଁ । ପଚାରିଲା ପରେ ଉତ୍ତର ମିଳିଲା ରକ୍ତ ଭଣ୍ଡାରରେ ରକ୍ତ ଆଦୌ ନାହିଁ । ଯଦି ରକ୍ତ ଆଦୌ ରହୁନି ତେବେ ଏହାକୁ ବନ୍ଦ କରି ଦେବା ଦରକାର କହି ଘଟଣାସ୍ଥଳରୁ ଫେରିଥିଲି। ପରେ ବହୁ କଷ୍ଟରେ ରକ୍ତ ସଂଗ୍ରହ କରି ଦେଇଥିଲୁ । ସାମାଜିକ କର୍ମୀ ଦାମୋଦର ସାହୁ କୁହନ୍ତି, ବ୍ଲଡବ୍ୟାଙ୍କକୁ ଜାଣି ଶୁଣି ଅଚଳ କରି ଦିଆଯାଉଛି। ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଯାଉନି। ପୁଣି ଶିବିର ପାଇଁ ସଚେତନତା ସୃଷ୍ଟି କରାଯାଉନି। ଏପରିକି ବ୍ଲଡ ବ୍ୟାଙ୍କ ଅଧିକାରୀ କୌଣସି କ୍ୟାମ୍ପକୁ ଯାଉ ନାହାନ୍ତି। ପୂର୍ବରୁ ଯେଉଁମାନେ ବ୍ଲଡବ୍ୟାଙ୍କ ଅଧିକାରୀ ରହୁଥିଲେ ସେମାନେ କ୍ୟାମ୍ପକୁ ଯାଉଥିଲେ। ଲୋକଙ୍କୁ ରକ୍ତ ଦେବାକୁ ସଚେତନତା କରାଉଥିଲେ । ଅନ୍ୟପକ୍ଷେ ଯେଉଁ ରକ୍ତ ସଂଗ୍ରହ କରାଯାଉଛି ପରିଚାଳନାରେ ତ୍ରୁଟି କାରଣରୁ ରକ୍ତଭଣ୍ଡାରରେ ରକ୍ତ ରହୁନି । ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଭଣ୍ଡାରରେ ଏଭଳିଆ ଅବ୍ୟବସ୍ଥା କେବେବି ଦେଖା ଯାଇ ନ ଥିଲା। ଗଣିଆର ରମା ନାୟକ କୁହନ୍ତି, ନୟାଗଡ଼ ବ୍ଲଡବ୍ୟାଙ୍କରେ ରକ୍ତ ବିକ୍ରି ହେଉଛି। ହାତଗୁଞ୍ଜା ଦେଲେ ମିଳୁଛି । ମୋର ଜଣେ ସମ୍ପର୍କୀୟଙ୍କର ରକ୍ତ ଦରକାର ହେବା ସମୟରେ ବ୍ଲଡ ବ୍ୟାଙ୍କରେ ରକ୍ତ ନ ଥିଲା । ହେଲେ ଜଣେ ବ୍ଲଡ ବ୍ୟାଙ୍କ କର୍ମଚାରୀଙ୍କୁ ମଧ୍ୟସ୍ଥ ମାଧ୍ୟମରେ ହାତଗୁଞ୍ଜା ଦେବାରୁ ସୁବିଧାରେ ରକ୍ତ ମିଳିଗଲା। ଏହାର ତଦନ୍ତ ହେବା ଦରକାର। ଘଟଣା ସମ୍ପର୍କରେ ରକ୍ତଭଣ୍ଡାର ଅଧିକାରୀ ଅଜୟ ବାହିନିପତଙ୍କୁ ଯୋଗାଯୋଗ କରାଯାଇଥିଲା । ସେ ଏନେଇ କିଛି କହି ନ ଥିଲେ । ସିଡିଏମଓ ମକରନ୍ଦ ବେଉରା କୁହନ୍ତି ବ୍ଲଡବ୍ୟାଙ୍କରୁ ରିଜର୍ଭ ଷ୍ଟକ ଶେଷ କରିଦେବା ପରେ ଅସୁବିଧା ଉପୁଜିଥିଲା । ରୋଗୀ ହଇରାଣ ହୋଇଥିଲେ। ଏନେଇ ଏକ ବୈଠକ କରାଯାଇ ଆଗକୁ ଏପରି ଅବ୍ୟବସ୍ଥା ନ କରିବାକୁ ତାଗିଦ୍ କରାଯାଇଛି । ବ୍ଲଡ୍ ବ୍ୟାଙ୍କରେ ଦେଖା ଦେଇଥିବା ରକ୍ତ ଅଭାବକୁ ଦୂର କରିବାକୁ ପଦକ୍ଷେପ ନେବାକୁ କୁହାଯାଇଛି। ଜିଲାପାଳ ରବୀନ୍ଦ୍ର କୁମାର ସାହୁ କୁହନ୍ତି, ଘଟଣା ସମ୍ପର୍କରେ ଆଲୋଚନା କରି ରୋଗୀଙ୍କ ସୁବିଧା ହେଲା ଭଳି ପଦକ୍ଷେପ ଦିଆଯିବ ।

## ଅଗ୍ନିକାଣ୍ଡ, ୫ ପରିବାର ସର୍ବସ୍ୱାନ୍ତ


ଅଗ୍ନିବିପନ୍ନଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ।

ଶରଣକୁଳ,୨୦।୨(ଡି.ଏନ.ଏ.)

ଶରଣକୁଳ ଥାନା ଗୋଡିପଡ଼ା ଫାଣ୍ଡି ଅଧୀନ କୁରୁଡଙ୍ଗ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । ଖବର ପାଇ ନୟାଗଡ଼ରୁ ଅଗ୍ନିଶମକର୍ମଚାରୀମାନେ ଆସି ନିଆଁକୁ ଆୟତ କରିଥିଲେ । ଏହି ଘଟଣାରେ ଧନେଶ୍ୱର ସୁନ୍ଦରା, ସୁଧିର ସୁନ୍ଦରା,ବିକ୍ରମ ବେହେରା,ବିଦ୍ୟାଧର ବିଶୋଇ,ଅନ୍ତର୍ଯ୍ୟାମୀ ବିଶୋଇଙ୍କ ଆସବାବପତ୍ର ସହିତ ଘରେ ରହିଥିବା ଧାନ, ଚାଉଳ,ମୁଗ,ବିରି,ଲୁଗା, ମୋଟର ସାଇକେଲ,ଶଗଡ଼ ଆଦି ପୋଡ଼ିଯାଇଛି । ଗୋଡିପଡ଼ା ରାଜସ୍ୱ ନୀରିକ୍ଷକ କ୍ଷୟକ୍ଷତିର ଆକଳନ କରି ଓଡ଼ଗାଁ ତହସିଲଦାରଙ୍କୁ ଜଣାଇଛନ୍ତି । ସୋମବାର ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ କିଛି ବସ୍ତ୍ର ପ୍ରଦାନ କରିଛନ୍ତି । ରେଡକ୍ରସ୍ ତରଫରୁ ସହାୟତା ପ୍ରଦାନ କରିବା ପାଇଁ ପ୍ରଧାନ କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଶିବ ସନ୍ଦେଶ ରଥ ପରିକ୍ରମା ଉଦ୍‌ଯାପିତ

ଖଣ୍ଡପଡ଼ା,୨୦।୨(ସ୍ୱ.ପ୍ର.)


ଶିବ ଧ୍ୱଜା ଉତ୍ତୋଳନରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

ଖଲିସାହି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ଜ୍ୟୋତ୍ସ୍ନା ଓ ଶିବାନୀଙ୍କ ନେତୃତ୍ୱରେ ଗତ ୫ଦିନ ହେଲା ଆରମ୍ଭ ହୋଇଥିବା ଶିବ ସନ୍ଦେଶ ରଥ ମର୍ଦ୍ଦରାଜପୁର, କଳପଙ୍ଗି, କଳଟାଙ୍ଗି, ଜୟବନ୍ଧ, ଭୋଗଡା, ରାଣୀଛେଲି ଓ ମଙ୍ଗଳପୁର ଗ୍ରାମ ପରିକ୍ରମା କରିଛି । ରବିବାର ଏହି ରଥ ପରିକ୍ରମା ଉଦ୍‌ଯାପିତ ହୋଇଛି । ଏହି ପରିପେକ୍ଷୀରେ ବ୍ରହ୍ମାକୁମାର ଭାଇ ଓ ଭଉଣୀମାନଙ୍କୁ ନେଇ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମାଉଣ୍ଟଆବୁରୁ ଆସିଥିବା କବିରାଜ ଭାଇ, ବିଭୁ ଭାଇ, କଣ୍ଟିଲୋ କେନ୍ଦ୍ରରୁ ବସନ୍ତ ଭାଇ ଓ ଖଣ୍ଡପଡ଼ାରୁ ମହେନ୍ଦ୍ର ଭାଇ ପ୍ରମୁଖ ଏହି ସଭାକୁ ଉଦଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ବିଶ୍ୱର କଲ୍ୟାଣ ପାଇଁ ଜୀବନକୁ ଚରିତାର୍ଥ କରିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଉପସ୍ଥିତ ଥିଲେ । ସେହିପରି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଣ୍ଟିଲୋ କେନ୍ଦ୍ର ଶାଖ ପକ୍ଷରୁ ଝଣ୍ଡା ଉତ୍ତୋଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନାଙ୍କ ସମେତ ଅନ୍ୟ ଭଉଣୀଭାଇ ଉପସ୍ଥିତ ରହି ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ହେମନ୍ତ କୁମାର ସାହୁ ଶିବ ଝଣ୍ଡା ଉତ୍ତୋଳନ କରି ଶିବ ବାବା ଓ ଆତ୍ମା ପରମାତ୍ମା ସମ୍ପର୍କରେ ଆଲୋକପାତ କରିଥିଲେ । କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଅନ୍ୟତମ ପ୍ରଜାପିତା ବ୍ରହ୍ମା କୁମାରୀ ବିଶ୍ୱ ବିଦ୍ୟାଳୟ ଶାଖା ପକ୍ଷରୁ ମଧ ଶିବ ଝଣ୍ଡା ଉତ୍ତୋଳନ କରାଯାଇଥିଲା । ଏହି ଝଣ୍ଡାକୁ ସ୍ଥାନୀୟ ବାଳିକା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁପ୍ରସାଦ ସାହୁ ଉତ୍ତୋଳନ କରିଥିଲେ । ଖଣ୍ଡପଡ଼ା ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦ୍ରପରିଚାଳକ ଡ. ଗୋପବନ୍ଧୁ ମିଶ୍ରଙ୍କ ତତ୍ତ୍ୱାବଧାନରେ କଣ୍ଟିଲୋ ସମେତ ଏହାର ଆଖପାଖ ଅଞ୍ଚଳରେ ଶିବ ରଥ ପରିକ୍ରମା ମାଧ୍ୟମରେ ଆଧାତ୍ମି ପରିବେଶ ସୃଷ୍ଟି କରାଯାଇଛି ।

## ସଂକ୍ଷେପରେ

### ଘୁଗୁଡିପଡ଼ାରେ ନାଟକ ମଞ୍ଚସ୍ଥ

**ଦଶପଲ୍ଲା,୨୦।୨ (ଡି.ଏନ୍.ଏ.):** ଦଶପଲା ବ୍ଲକ ଅନ୍ତର୍ଗତ ଘୁଗୁଡିପଡ଼ା ଗ୍ରାମର ଶ୍ରୀଆନନ୍ଦେଶ୍ୱର ମିଳିତ ଯୁବକ ସଂଘ ପକ୍ଷରୁ ଜାଗର ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ନାଟକ 'ବନ୍ଧୁ ବାନ୍ଧିଛି ମୁଁ ଲୁହ ସାଥିରେ' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା , ମୁଖ୍ୟବକ୍ତା ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ରମେଶ କୁମାର ସାହୁଙ୍କ ସମେତ ଗ୍ରାମବାସୀ ଏବଂ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

### ନୟାଗଡ଼ରୁ ବାହାରିଲା କାଳିଆ ଦର୍ଶନ ଯାତ୍ରା

**ଟ୍ରେନରେ ଗଲେ ୧୦୮ ବରିଷ୍ଠ ନାଗରିକ**

**ନୟାଗଡ଼ ଅଫିସ,୨୦।୨:** ନୟାଗଡ଼ ଜିଲା ବରିଷ୍ଠ ନାଗରିକ ମଞ୍ଚ ପ୍ରାୟୋଜିତ କାଳିଆଦର୍ଶନ ଯାତ୍ରା ସୋମବାର ଆରମ୍ଭ ହୋଇଛି। ଏଥିରେ ୧୦୮ ଜଣ ବରିଷ୍ଠ ନାଗରିକ ସକାଳୁ ଟ୍ରେନରେ ପୁରୀ ଯାତ୍ରା କରିଛନ୍ତି । ପୁରୀରେ ପହଞ୍ଚି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଅବଡ଼ା ସେବନ କରିଛନ୍ତି । ଏହାପରେ ସମୁଦ୍ରକୂଳରେ ଏକ ସ୍ୱତନ୍ତ୍ର ବୈଠକରେ ଯୋଗଦେଇଛନ୍ତି। ରାଜ୍ୟ ମହାସଂଘ ସାଧାରଣ ସମ୍ପାଦକ ଏବଂ ପୁରୀ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଉକ୍ତ ବୈଠକରେ ସାମିଲ ହୋଇଛନ୍ତି। ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ ବରିଷ୍ଠ ନାଗରିକମାନଙ୍କୁ କାଳିଆ ଦର୍ଶନ ପାଇଁ ସମସ୍ତ ପୋଲିସ ସହାୟତା ଯୋଗାଇଦେଇଥିବାରୁ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ କୃତଜ୍ଞତା ଜଣାଇଛନ୍ତି। ଉକ୍ତ ତୀର୍ଥ ଯାତ୍ରାରେ ନୟାଗଡ଼, ବାଉଁଶିଆପଡା, ପାଣ୍ଡୁସର, ବେଗୁନିଆପଟଣା, ଇଟାମାଟି, ଭାପୁର, ଶରଣକୁଳ ଏବଂ ଖଣ୍ଡପଡାର ବରିଷ୍ଠ ନାଗରିକମାନେ ସାମିଲ ହୋଇଥିଲେ।

## ଶିକ୍ଷକଙ୍କ ବଦଳି ଦାବି କରି ଛାତ୍ରୀଛାତ୍ରଙ୍କ ଧାରଣା


ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ ।

ନୂଆଗାଁ,୨୦।୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜଣେ ଶିକ୍ଷକଙ୍କ ବଦଳି ଦାବି କରି ସୋମବାର ସ୍କୁଲ ପରିସରରେ ଧାରଣାରେ ବସିଛନ୍ତି ସଂପୃକ୍ତ ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକ । ଆଦିବାସୀ ଅଧ୍ୟୁଷିତ କାପ୍ତାପଲି ପଞ୍ଚାୟତ କାପ୍ତାପଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୩୫ ଜଣ ଛାତ୍ର ଓ ୫୦ ଜଣ ଛାତ୍ର ଅଧ୍ୟୟନ କରୁଛନ୍ତି । ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଜଣେ ଶିକ୍ଷୟିତ୍ରୀ ଓ ୪ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ହେଲେ ଶିକ୍ଷକ ଅଶୋକ କୁମାର ନାୟକ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ପାଠ ନ ପଢାଇ ସବୁ ବେଳେ ବସି ମୋବାଇଲ ଦେଖୁଛନ୍ତି । ତେଣୁ ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ବଦଳି କରି ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରି ସ୍କୁଲର ଛାତ୍ରୀଛାତ୍ର , ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଧାରଣାରେ ବସିଥିଲେ । ଏ ସଂକ୍ରାନ୍ତରେ ପ୍ରଥମେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ହେଲେ କେହି ଆମ କଥାକୁ ଶୁଣୁ ନ ଥିବାରୁ ଆମ୍ଭେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେଲୁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି । ଦାବି ପୂରଣ ନ ହେବା ଯାଏ ଧାରଣାରେ ବସିବୁ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି । ଅଭିଯୋଗ ବାବଦରେ କାପ୍ତାପଲୀ ସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ନାୟକଙ୍କୁ ପଚାରିବାରେ ଶିକ୍ଷକଙ୍କ ବିରୋଧରେ କେହି କେବେ ମୋତେ ଅଭିଯୋଗ କରି ନାହାନ୍ତି କିମ୍ବା ଧାରଣାରେ ବସିବା ବାବଦରେ ମୁଁ ଆଗରୁ ଜାଣି ନାହିଁ । ଏ ସଂକ୍ରାନ୍ତରେ ଶିକ୍ଷକ ନାୟକଙ୍କୁ ପଚାରିବାରେ ମୁଁ ଏହି ସ୍କୁଲରେ ୨୦୧୫ରୁ ଗଣ ଶିକ୍ଷକଭାବେ କାମ କରୁଥିଲି । ୨୦୧୭ ରେ ରେଗୁଲାର ହେଲି । ମୋ ନାମରେ ଆଗରୁ କେବେ ବି ଅଭିଯୋଗ ହେଉ ନ ଥିଲା । ପ୍ରଧାନ ଶିକ୍ଷକ ନାୟକ ଯୋଗ ଦେବା ଦିନଠାରୁ ମୋ ବିରୋଧରେ ଲାଗିଛନ୍ତି। ମୁଁ ଜଣେ ଶାରିରୀକ ଅକ୍ଷମ ଶିକ୍ଷକ ହୋଇଥିଲେ ମଧ୍ୟ ମୋତେ ଚତୁର୍ଥ ଓ ପଞ୍ଚମ ୨ଟି ଶ୍ରେଣୀରେ ପାଠ ପଢାଇବା ଦାୟିତ୍ୱ ଦିଆଯାଇଛି। ତାହା ମୁଁ ଠିକ ଭାବେ ତୁଲାଉଛି । ଏହା ପରେ ବି ମୋ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି । ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର କରଙ୍କୁ ପଚାରିବାରେ ଏପରି କିଛି ଆଗରୁ ହୋଇନାହିଁ । ଏ ବିଷୟରେ ମୁଁ ବୁଝିବି ବୋଲି କହିଛନ୍ତି ।

### ଲଙ୍କାପୋଡ଼ି ଯାତ୍ରା,କୁଆଁରିଆ ମହୋତ୍ସବ ପାଇଁ ପ୍ରସ୍ତୁତି

ଦଶପଲ୍ଲା,୨୦।୨(ଡି.ଏନ୍. ଏ.)

ଲଙ୍କାପୋଡ଼ି ଯାତ୍ରା ଓ କୁଆଁରିଆ ମହୋତ୍ସବ-୨୦୨୩ର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଦଶପଲ୍ଲା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଛି। ଏପ୍ରିଲରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲାପାଳ ରବିନ୍ଦ୍ରନାଥ ସାହୁ, ଜିଲାପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ତହସିଲଦାର କୁମାର ରଥ, ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ,ଏନଏସି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏବଂ ଲଙ୍କାପୋଡି ଯାତ୍ରା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ ।

## ଭିଏଲ୍‌ଡବ୍ଲ୍ୟୁଙ୍କୁ ୨ ବର୍ଷ ଜେଲଦଣ୍ଡ

**ଲାଞ୍ଚ ମାମଲାର ୧୪ ବର୍ଷ ପରେ ରାୟ**

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଏକ ଲାଞ୍ଚ କାରବାର ମାମଲାର ୧୪ବର୍ଷ ପରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଥିବା ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ତତ୍‌କାଳୀନ ଭିଏଲ୍‌ଡବ୍ଲ୍ୟୁ ତଥା ନୂଆଗାଁ ବ୍ଲକ୍‌ରେ କାର୍ଯ୍ୟରତ ସୁଶାନ୍ତ କୁମାର ସାହୁଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୪ହଜାର ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ୨ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ଭିଏଲ୍‌ଡବ୍ଲ୍ୟୁ ସୁଶାନ୍ତଙ୍କୁ ଚାକିରିରୁ ବରଖାସ୍ତ ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ମିଲୁ ରଏ ନାମକ ଜଣେ ବ୍ୟକ୍ତି ଗ୍ରାମରେ ଏକ ସରକାରୀ କୂଅର ବେଢ଼ା ନିର୍ମାଣ ପାଇଁ ଅନୁମତି ପାଇଥିଲେ। ହେଲେ ଏଥିପାଇଁ ୱାର୍କ ଅର୍ଡର ଦେବାକୁ ଭିଏଲ୍‌ଡବ୍ଲ୍ୟୁ ସୁଶାନ୍ତ ୧୮୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ମିଲୁ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୦୯ ଡିସେମ୍ବର ୨୨ରେ ଭିଏଲ୍‌ଡବ୍ଲ୍ୟୁ ସୁଶାନ୍ତ ଗଣିଆ ବ୍ଲକ ଅଫିସ୍‌ରେ ମିଲୁଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏନେଇ ଏକ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୫୨/୨୦୦୯) ରୁଜୁ କରାଯାଇ ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ୭ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ପରିଚାଳନା କରୁଥିଲେ।

## ଜଙ୍ଗଲକୁ ନିଆଁଦାଉରୁ ରକ୍ଷା ପାଇଁ ଫାୟାର୍ ଲାଇନ

ଦଶପଲ୍ଲା, ୨୦।୨(ଡି.ଏନ. ଏ.)

ମହାନଦୀ ବନ୍ୟପ୍ରାଣୀ ବାଣିଗୋଛା ପଶ୍ଚିମ ବନାଞ୍ଚଳ ତରଫରୁ ,ବନ ଓ ବନ୍ୟଜନ୍ତୁଙ୍କୁ ନିଆଁ ଦାଉରୁ ରକ୍ଷା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତିରେ ଫାୟାର ଲାଇନ କରାଯାଇଛି। ଏହି କ୍ରମରେ ସୋମବାର ବୁଗୁଡା ବିଟ୍‌ହାଉସରୁ ସତ୍ୟ ମହାବୀର ମନ୍ଦିର ଦେଇ ବାଣିଗୋଛା ପୂର୍ବ ବନାଞ୍ଚଳ ସୀମା ପର୍ଯ୍ୟନ୍ତ ଫାୟାର ଲାଇନ କରାଯାଇଥିଲା । ପ୍ରତିବର୍ଷ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ତରଫରୁ ଗାଁ ଗାଁରେ ସଚେତନତା ଅଭିଯାନ, ପଥପ୍ରାନ୍ତ ସଭା, ଲିଫ୍‌ଲେଟ୍ ବଣ୍ଟନ ଓ ଜଙ୍ଗଲ ସଂଲଗ୍ନ ଗ୍ରାମବାସୀଙ୍କୁ ଆର୍ଥିକ ସାହାୟତା ପ୍ରଦାନ କରିଥାଏ ବନ ବିଭାଗ। ଜନସାଧାରଣ ସଚେତନ ହେବା ଯୋଗୁ ବିଗତ ୧୦ ବର୍ଷ ମଧ୍ୟରେ ଜଙ୍ଗଲରେ ନିଆଁ ଲାଗିବା ୮୦ ଭାଗ କମିଥିବା ଗ୍ରାମବାସୀ କହିଛନ୍ତି। ଯଦି କେବେ କେମିତି ନିଆଁ ଲାଗେ ଗ୍ରାମବାସୀ ନିଆଁକୁ ଆୟତ କରନ୍ତି। ବନବିଭାଗ ମଧ ଗ୍ରାମବାସୀଙ୍କୁ ଏଥିପାଇଁ ଉତ୍ସାହିତ କରିଥାନ୍ତି । ଆଜିର ଏହି ଫାୟାର ଲାଇନ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ସଂସାର ବର୍ଗିଆ ,ବନପାଳ ଦିପ୍ତୀରଞ୍ଜନ ଆଚାର୍ଯ୍ୟ, ଦିପ୍ତୀରଞ୍ଜନ ନାୟକ ,ବନରକ୍ଷୀ ପୁଷ୍ପଲତା ସ୍ୱାଇଁ ଓ ଫାୟାର ଗାର୍ଡ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ଜଙ୍ଗଲରେ ଫାୟାର ଲାଇନ୍ କରାଯାଉଛି।

## ପାଚିକା,ସହାୟିକାଙ୍କ ବିକ୍ଷୋଭ

**ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା**

ରଣପୁର,୨୦।୨(ସ୍ୱ.ପ୍ର.)



ରଣପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଚିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ନୟାଗଡ଼ ଜିଲା ରଣପୁର ବ୍ଲକରେ ଦୀର୍ଘ ୨୮ ବର୍ଷ ହେଲା ଗଣଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ସ୍କୁଲରେ କାମକରି ଆସୁଥିବା ପାଚିକା ଓ ସହାୟିକାମାନେ ସୋମବାର ସିଟୁ ନେତୃତ୍ୱରେ ବିଭିନ୍ନ ଦାବିନେଇ ରଣପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଧାରଣ ଦେଇଥିଲେ । ପ୍ରାରମ୍ଭରେ ରଣପୁର ପଞ୍ଚୁଦୋଳ ପଡ଼ିଆ ସହୀଦ ରଘୁଦିବାକର ମଣ୍ଡପଠାରୁ ଏକ ଶୋଭାଯାତ୍ରା ବାହାରି ଥିଲା । ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ପାଚିକା, ସହାୟିକାମାନେ ବଜାର ପରିକ୍ରମା ପରେ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାପରେ ଶ୍ରମିକ ନେତା ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ବକ୍ତାମାନେ କେନ୍ଦ୍ରର ମୋଦୀ ଓ ରାଜ୍ୟର ନବୀନ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ପାଚିକାମାନଙ୍କୁ ସେମାନଙ୍କ ଉପଯୁକ୍ତ ପରିଶ୍ରମିକ ମିଳୁନାହିଁ । ଦୈନିକ ୪୬ ଟଙ୍କାରେ ସେମାନେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ସହ ଅନ୍ୟାନ୍ୟ କାମ କରୁଛନ୍ତି । ପାଚିକାମାନଙ୍କ ପରିବାର ବହୁ ଅଭାବ ଅନାଟନରେ ଚାଲୁଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଚିକାଙ୍କ ପ୍ରତି ଅବହେଳା କରି ଆସୁଛନ୍ତି। ବିଭିନ୍ନ ସମୟରେ ପାଚିକାମାନେ ଏ ନେଇ ସ୍ୱର ଉଠାଇଲେ ମଧ ସରକାର ଶୁଣୁନାହାନ୍ତି। ସେହିଭଳି ବକେୟା ଥିବା ୨୮ ମାସର ପ୍ରାପ୍ୟ ପ୍ରଦାନ ସଂକ୍ରାନ୍ତରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଯେତେବେଳେ ତାମିଲନାଡୁ ସରକାର ପାଚିକାମାନଙ୍କୁ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଭାବେ ଗ୍ରହଣ କରିଛନ୍ତି ସେତିକି ବେଳେ ଆମ ରାଜ୍ୟ ସରକାର ଚୁପ୍ ବସିଛନ୍ତି । ଏଭଳି ଶ୍ରମିକ ବିରୋଧୀ ନୀତିକୁ ବନ୍ଦକରି ପାଚିକା ଓ ସହାୟିକାମାନଙ୍କୁ ସରକାର ତୁରନ୍ତ ନିୟମିତ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ । ଶେଷରେ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ବିଭିନ୍ନ ଦାବି ଉପରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଗଣ ବିକ୍ଷୋଭରେ ସିଆଇଟିୟୁର ରାଜ୍ୟ ସମ୍ପାଦକ ସୁରେଶ ସ୍ୱାଇଁ,ଶ୍ରମିକ ନେତା ଭିକାରୀ ଚରଣ ସାହୁ,ପାଚିକା ସଂଘର ଜିଲା ସଭାନେତ୍ରୀ ସୁକାନ୍ତି ଜେନା, ଜିଲା ଶ୍ରମିକ ନେତ୍ରୀ ସଂଯୁକ୍ତା ସେଠୀ, ସବ୍ୟସାଚୀ ସେନାପତି, ଶ୍ରମିକ ନେତା ଦୁଃଶାସନ ଜେନା,ନିତ୍ୟାନନ୍ଦ ପରିଡ଼ା ,ସୁଶୀଲ ମହାନ୍ତି, ପାଚିକା ବ୍ଲକ ସମ୍ପାଦିକା ପ୍ରଭାତୀ ବେହେରା,ଲକ୍ଷ୍ମୀ ଦେଇ,ଲିଲିମା ରଣା,ସାବିତ୍ରୀ ବିଶୋଇ,ସବିତା ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

ଧର୍ମଶାଳା

- ବାବା ବାଲୁଙ୍କେଶ୍ୱରୀ ବାବାଙ୍କ ଯଜ୍ଞ ଉତ୍ସବ, ସ୍ଥାନ– ବାଲିଗିରି, ମଣିନାଥପୁର, ସମୟ– ପୂର୍ବାହ୍ନ ୧୦ଟା।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଚଢ଼େଇଧରା,୨୦।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପରଗଡ଼ ପଞ୍ଚାୟତ କୁକୁଡ଼ାଖାଲି ଗ୍ରାମର ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୮୩ତମ ଅଷ୍ଟପ୍ରହର ନାମଯଜ୍ଞ ଓ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ଉଠିବା ପରେ ଏ ବର୍ଷ ଜାଗର ଖୁବ୍ ଧୁମଧାମରେ ଅନୁଷ୍ଠିତ ହୋଇଛି। ଅନେକ ସ୍ଥାନରେ ଭଗବାନ ଶିବଙ୍କର ପୂଜାର୍ଚ୍ଚନା ହୋଇଥିବାବେଳେ ଏଠାରେ ହରିହରଙ୍କ ଅପୂର୍ବ ମିଳନ ଭକ୍ତଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିଥିଲା। ତିନିଦିନ ଧରି ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଶୁଭାଧିବାସ, ଶନିବାର ନାମଯଜ୍ଞ ଓ ରବିବାର ନଗର ଭ୍ରମଣ ଓ ଦଧିଭାଣ୍ଡ ଭଙ୍ଗା ସମାପନ ହୋଇଥିଲା। ନାମଯଜ୍ଞରେ ପନ୍ତୁରୀ, ସିଙ୍ଗାପୁର, ଦୈଲତପୁର, ଝାଟିଆପଡ଼ା, ଅଣ୍ଟିଆ, ଗଡ଼ମଧୁପୁର ତଳସାହି ଗ୍ରାମର ସଙ୍କୀର୍ତ୍ତନ ଦଳ ସହଯୋଗ କରିଥିଲେ। ଆଖପାଖ ଦଶ ଖଣ୍ଡ ଗ୍ରାମର ଭକ୍ତ ଯୋଗଦେଇ ହରିହରଙ୍କ ସରଣାପନ୍ନ ହୋଇଥିଲେ।

## ଅଗ୍ନି ବିପନ୍ନଙ୍କୁ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ସହାୟତା

ସିଂହପୁର,୨୦।୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୬ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଅଗ୍ନି ବିପନ୍ନ ପରିବାରଙ୍କୁ ଜରି ଛନ୍ଦାମୁଣ୍ଡ ବାଙ୍ଗରା ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ମଞ୍ଚ ସମ୍ପାଦକ ବ୍ରହ୍ମାନନ୍ଦ ମଲିକଙ୍କ ନେତୃତ୍ୱରେ ବିଷ୍ଣୁଚରଣ ଭୂୟାଁ, କୃଷ୍ଣଚନ୍ଦ୍ର ଭୂୟାଁ, ନାରାୟଣ ଚନ୍ଦ୍ର ସାମଲ, ଈଶ୍ୱର ସାମଲ, ଅଶୋକ ସାମଲ, ପ୍ରହ୍ଲାଦ ମଲିକ ଓ ମଞ୍ଚର ସଭ୍ୟମାନେ ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ସହାୟତା ଅପେକ୍ଷାରେ ହୃଦ୍‌ରୋଗୀ ବାବାଜୀ

ଚଣ୍ଡିଖୋଲ,୨୦।୨(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଚଣା ପଞ୍ଚାୟତ ସିଂହ ସାହିର ବାବାଜୀ ମହାପାତ୍ର(୫୪) ଗାଡି ଚାଳକ ଭାବରେ କାର୍ଯ୍ୟ କରୁଥିଲେ। ଗତ ୯ ମାସ ତଳେ ହୃଦ୍‌ରୋଗର ଶିକାର ହେଲେ। ସେହି ଦିନଠାରୁ ସେ ବିଛଣାରେ ଶୋଇ ରହିଥିବା ହେତୁ ଆର୍ଥିକ ଅନାଟନର ଶିକାର ହୋଇ ପରିବାର ପ୍ରତି ପୋଷଣ କରିବା କଷ୍ଟକର ହୋଇ ପଡିଛି। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ। ଝିଅ ଯୁକ୍ତ ଦୁଇରେ ପାଠ ପଢୁଥିବା ବେଳେ ପୁଅ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ଆର୍ଥିକ ଅବସ୍ଥା ନେଇ ଉଭୟଙ୍କ ପାଠ ପଢ଼ାରେ ଡୋରି ବାନ୍ଧିଛନ୍ତି। ସୋମବାର ଚଣ୍ଡିଖୋଲର ଉଦୀୟମାନ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଅବିନାଶ ଜେନା, ସଦସ୍ୟ ଲିଙ୍ଗରାଜ ପୃଷ୍ଟି, ଶେଷଦେବ ପୃଷ୍ଟି, ଅଭୟ ତରାଇ, ଅଜିତ କିଶୋର ନାୟକ, ପ୍ରଦ୍ୟୁମ୍ନ କୁମାର ଓଝା, ସମ୍ପାଦକ ଅନିଲ କୁମାର ଦାସ ପ୍ରମୁଖ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଏନ୍‌ସି କଲେଜକୁ ୨୦.୮୮ କୋଟି ମଞ୍ଜୁର

- ସ୍ପୋର୍ଟସ କମ୍ପ୍ଲେକ୍ସ, ଦ୍ୱିତୀୟ ମହଲା ନିର୍ମାଣ ହେବ
- ପ୍ରତିଶ୍ରୁତିରେ ଅଟକିଛି ବିଶ୍ୱବିଦ୍ୟାଳୟ ମାନ୍ୟତା

ଯାଜପୁର ଅଫିସ,୨୦।୨

ଯାଜପୁର ଟାଉନସ୍ଥିତ ନରସିଂହ ଚୌଧୁରୀ(ଏନ୍‌ସି) ସ୍ୱୟଂଶାସିତ କଲେଜର ନବୀକରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ୨୦କୋଟି ୮୮ ଲକ୍ଷ ୪୨ ହଜାର ଟଙ୍କା ମଞ୍ଜୁର ହୋଇଛି। ଏଥିରେ କଲେଜର ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ପ୍ରଶାସନିକ, ବିଜ୍ଞାନ ଓ ବାଣିଜ୍ୟ ଗୃହର ନବୀକରଣ ସମେତ ଆଲୁମ୍ନି ଗୃହ ଉପରେ ଦ୍ୱିତୀୟ ମହଲା ନିର୍ମାଣ ହେବ। ହେଲେ ନିକଟରେ କେନ୍ଦୁଝର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଥିଲେ ହେଁ ଦୀର୍ଘଦିନର ପ୍ରତିଶ୍ରୁତି ଏନ୍‌ସି କଲେଜ ଏଥିରୁ ବାଦ୍ ପଡିଥିବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା (୭୩୦୬/୨୦।୨।୨୦୨୩) ଅନୁସାରେ ଏନ୍‌ସି କଲେଜର ସ୍ପୋର୍ଟସ୍ କମ୍ପ୍ଲେକ୍ସ ପାଇଁ ୮ କୋଟି ୨୬ ଲକ୍ଷ ୩୯ ହଜାର ଟଙ୍କାର ଅନୁମୋଦନ ହୋଇଛି। ଏହି ପ୍ରକଳ୍ପରେ ସ୍ପୋର୍ଟସ କୋର୍ଟ ୱାର୍କ ପାଇଁ ୫ କୋଟି ୭୨ ଲକ୍ଷ ୧୭ ହଜାର ୬୫୪ ଟଙ୍କା, ଉଦ୍ୟାନ ଆଦି ପାଇଁ ୮୧ ଲକ୍ଷ ୪୩ ହଜାର ୨୧୫ ଟଙ୍କା, ଡ୍ରେନେଜ ପାଇଁ ୩୦ ଲକ୍ଷ ୬୬ ହଜାର ୮୮୬ ଟଙ୍କା ଅଟକଳ କରାଯାଇଛି। ସେହିପରି ପୁରୁଣା ବିଜ୍ଞାନ ଓ ବାଣିଜ୍ୟ ବ୍ଲକର ନବୀକରଣ ପାଇଁ ୭୩ ଲକ୍ଷ ୪୪ ହଜାର ୫୮୭ ଟଙ୍କା, ପୁରୁଣା ପ୍ରଶାସନିକ ଗୃହର ପିଭିସି ୱିଣ୍ଡୋ, ଫ୍ଲସ୍ ଡୋର୍, ସିକ୍ୟୁରିଟି ଗ୍ରିଲ୍, କାନ୍ଥରେ ନୂତନ ପ୍ଲାଷ୍ଟର, ପେଣ୍ଟ, ସିଲିଂ, ଫ୍ଲୋର ଆଦି ନିର୍ମାଣ ପାଇଁ ୫ କୋଟି ୩୧ ଲକ୍ଷ ୩୮ ହଜାର ୧୬୨ ଟଙ୍କା, ଆଲୁମ୍ନି ଗୃହରେ ଦ୍ୱିତୀୟ ମହଲା ଏବଂ କାଫେଟେରିଆ ନିର୍ମାଣ ପାଇଁ ୧ କୋଟି ୭୨ ଲକ୍ଷ ୪ ହଜାର ୬୮୧ ଟଙ୍କା, ଇଲେକ୍ଟ୍ରିକାଲ ୱାର୍କ ପାଇଁ ୧ କୋଟି ୮୫ ଲକ୍ଷ ୧୨ ହଜାର ୭୯୬ ଟଙ୍କା, ପିଏଚ୍ ପର୍ସନ ପାଇଁ ୯୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ପୂର୍ବରୁ ଜାତୀୟ ଅନ୍ତର୍ଜାତୀୟସ୍ତରର ପରିବେଶ ସୃଷ୍ଟି କଲା ଭଳି ପ୍ଲାନ ପ୍ରସ୍ତୁତ କରାଯିବ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ଏବେ ସାକାର ହେବାକୁ ଯାଉଛି। ତେବେ ଉକ୍ତ ଅନୁଦାନକୁ ନେଇ ଠିକାଦାରି ରାଜନୀତି ନ କରି ଠିକ ଭାବେ ବିନିଯୋଗ ହୋଇପାରିଲେ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ପ୍ରତିପାଦିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍‌ସି ସ୍ୱୟଂଶାସିତ ସରକାରୀ ଡିଗ୍ରୀ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯିବାକୁ ନେତୃବର୍ଗ ଘୋଷଣା କରିଥିଲେ। କିନ୍ତୁ ବିଡ଼ମ୍ବନା ଯେ, ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାବେଳେ ଏହି କଲେଜରେ ବର୍ଷ ସାରା ଅଧ୍ୟାପକ ପଦବୀ ଖାଲି ପଡୁଛି। ଆବଶ୍ୟକତାଠାରୁ ୫୦ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ସୂଚନା ମିଳିଛି। ତେବେ କଲେଜର ନବୀକରଣ ହେବା ପରେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ବ୍ୟକ୍ତ କରିଛନ୍ତି।



ଏନ୍‌ସି କଲେଜରେ ନବୀକରଣ କାର୍ଯ୍ୟ ଚାଲିଛି।

## ଷ୍ଟେଶନ ନାମ ସଂଶୋଧନ ନେଇ ଗଣଧାରଣା ଦିଆଯିବ



ଖବରଦାତା ସମ୍ମିଳନୀରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି କର୍ମକର୍ତ୍ତା।

ଚଣ୍ଡିଖୋଲ,୨୦।୨(ଡି.ଏନ.ଏ.)

ହରିଦାସପୁର–ପାରାଦୀପ ପୂର୍ବତଟ ରେଳପଥର ବଡ଼ଚଣା ବ୍ଲକ ଅନ୍ତର୍ଗତ ପଦ୍ମନାଭପୁରଠାରେ ହୋଇଥିବା ରତ୍ନଗିରି ଷ୍ଟେଶନର ନାମ ପରିବର୍ତ୍ତନ ଦାବିରେ ଆସନ୍ତା ୨୩ ତାରିଖ ଗୁରୁବାର ଷ୍ଟେଶନ ପରିସରରେ ଗଣଧାରଣା ଦିଆଯିବ। ଏନେଇ ସୋମବାର ବାଲିଚନ୍ଦ୍ରପୁରଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଦ୍ମନାଭପୁରଠାରେ ହୋଇଥିବା ଷ୍ଟେଶନ ନିକଟରେ ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ଅବସ୍ଥିତ। ଏଠାରୁ ୨୦ କି.ମି. ଦୂରରେ ରତ୍ନଗିରି ଅବସ୍ଥିତ। ତେଣୁ ଉଭୟ ବୌଦ୍ଧ ପୀଠକୁ ଯୋଡାଯାଇ ଏହାର ନାମ ଉଦୟଗିରି–ରତ୍ନଗିରି ଷ୍ଟେସନ ରଖାଯାଉ। ଏଥିନେଇ ଏକ ସଂଶୋଧନ ପ୍ରସ୍ତାବ ଦିଆଯାଇଛି। ନାମ ସଂଶୋଧନ ପ୍ରସ୍ତାବକୁ ବଡ଼ଚଣା ପଞ୍ଚାୟତ ସମିତି, ସ୍ଥାନୀୟ ବିଧାୟକ, ଯାଜପୁର ଏମପି, ଯାଜପୁର ଜିଲାପାଳ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାରଙ୍କ ଗୃହ ବିଭାଗକୁ ୨୦୨୨ ଫେବୃୟାରୀରେ ପଠାଯାଇଛି। ଏହା କେନ୍ଦ୍ର ସରକାରଙ୍କ ନିକଟରେ ଦୀର୍ଘ ଦିନ ହେବ ପଡି ରହିଛି। ତେଣୁ ତୁରନ୍ତ ଏହାକୁ କାର୍ଯ୍ୟକାରୀ ଦାବିନେଇ ଧାରଣା ଦିଆଯିବ ବୋଲି ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ, ସଦସ୍ୟ ଡ. ଭଗ୍ୟଧର ସାହୁ, ସରୋଜ ବଳ, ଅଜୟ ଦାସ ଓ ବିକ୍ରମ ବଳ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ସୂଚନା ଦେଇଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି ଶିବିର

ଯାଜପୁର ଟାଉନ,୨୦।୨(ଡି.ଏନ.ଏ.)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲାଙ୍କ ଦ୍ୱାରା ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ଦଶରଥପୁର ତହସିଲଦାର, ବିଡିଓ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠକୁ ସମୁଦାୟ ୩୧ ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୨୬ ବ୍ୟକ୍ତିଗତ ଏବଂ ୦୫ ସାମୂହିକ ଅଭିଯୋଗ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ୩ ଅଭିଯୋଗ ଥିବାବେଳେ ଜିଲା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ ଜନିତ ୧ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୧୨ ଅଭିଯୋଗର ଦ୍ରୁତ ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ସମାଧାନ ଜନିତ ଦରଖାସ୍ତ ଏବଂ ସାମୂହିକ ସେବା ଜନିତ ଦରଖାସ୍ତ ଗୁଡିକ ପ୍ରଶାସନର ହସ୍ତଗତ ହୋଇଥିଲା। ଆଗାମୀ ଜନଶୁଣାଣି ଶିବିର ଫେବୃୟାରୀ ୨୭ ତାରିଖ ସୋମବାର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଥିରେ ସମ୍ପୃକ୍ତ ବ୍ଲକ୍‌ର ଜନସାଧାରଣ ନିଜ ନିଜର ଆପତି ଅଭିଯୋଗ ଥିଲେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ସମାଧାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଜନବସତିମୁହାଁ ଦୁଇ ଭାଲୁ

### ଜଙ୍ଗଲ ମଧ୍ୟରେ ପୋଖରୀ ଖନନ ଦାବି



କୋରେଇ,୨୦।୨(ଡି.ଏନ୍.ଏ)

ଖରା ଦିନେ ସାଧାରଣ ଲୋକେ ଜଳ କଷ୍ଟ ଭୋଗୁଥିବାବେଳେ ବନ୍ୟପ୍ରାଣୀ ମଧ ଏଥିରୁ ବାଦ୍ ପଡୁନାହାନ୍ତି। ଏବେ ରୌଦ୍ରତାପ ବଢୁଥିବାରୁ ଜଙ୍ଗଲରେ ପାଣି ନ ପାଇ ଭାଲୁ ଜନବସତିମୁହାଁ ହୋଇପଡ଼ିଛନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ଯାଜପୁରରୋଡ୍ ବନଖଣ୍ଡ ଅଧୀନ ଅନ୍ଧାରୀ ପଞ୍ଚାୟତର କୋରାବନ୍ଧୀ ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ। ସୋମବାର ଅପରାହ୍ନ ୪ଟାରେ ଦୁଇଟି ଭାଲୁ ପାଣି ପିଇବାକୁ କୋରାବନ୍ଧୀ ଗ୍ରାମ ମୁଣ୍ଡରେ ଥିବା ଏକ ପୋଖରୀକୁ ଆସିଥିଲେ। ନିକଟରେ ଖେଳୁଥିବା ପିଲାମାନେ ଦେଖି ପାଟି କରିବାରୁ ସେମାନେ ନିକଟ ରଗଡି ଜେଲ ସଂଲଗ୍ନ ଶାଗୁଆନ ଜଙ୍ଗଲ ଭିତରକୁ ପଳାଇଥିଲେ। ତେବେ ଭାଲୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। କାରଣ ବିଗତ ବର୍ଷରେ ଅନେକ ବାଟୋଇ ତଥା ସ୍ଥାନୀୟ ଲୋକେ ଦିନବେଳା ଭାଲୁ ଆକ୍ରମଣର ଶିକାର ହୋଇଥିବା ନଜିର ରହିଛି। ଏହାଛଡ଼ା ହନୁମାଙ୍କଡ଼ ଓ ଅନ୍ୟ ବନ୍ୟପ୍ରାଣୀ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ଉପଦ୍ରବ ଆରମ୍ଭ କଲେଣି। ବନବିଭାଗ ପକ୍ଷରୁ ଜଙ୍ଗଲ ମଧ୍ୟରେ ପ୍ରାଣୀଙ୍କ ପିଇବା ପାଇଁ ବ୍ୟବସ୍ଥା କରାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଅନେକ ସମୟରେ ଭାଲୁ, କୋକିଶିଆଳି, ହରିଣ, କୁଟାରୀ ଆଦି ବନ୍ୟପ୍ରାଣୀ ଖାଦ୍ୟପେୟ ପାଇଁ ଗାଁକୁ ଆସିବାବେଳେ କୁକୁର ଆକ୍ରମଣ ଏବଂ ଗାଡ଼ି ଧକ୍କାରେ ପ୍ରାଣ ହରାଉଛନ୍ତି। ପ୍ରାୟ ୨ବର୍ଷ ତଳେ ରଗଡି ଏନ୍‌ଏଚ୍–୨୦ ଜାତୀୟ ରାଜପଥ ଖମିଗାଁ ରାସ୍ତା ପାରି ହେଉଥିବା ସମୟରେ ହାଇୱା ଧକ୍କାରେ ମା ଓ ୨ ଛୁଆ ଭାଲୁର ମୃତ୍ୟୁ ହୋଇଥିଲା। ତେଣୁ ଜଙ୍ଗଲ ଭିତରେ ପୋଖରୀ ଖନନ କରାଯିବାକୁ ଦାବି ହେଉଛି। ଏନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଯାଜପୁର ରୋଡ୍ ବନବିଭାଗ ରେଞ୍ଜ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି।

## ମାଛ ଚାଷ ସବସିଡି ଟଙ୍କା ହଡ଼ପ ଅଭିଯୋଗ


ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ଧର୍ମଶାଳା,୨୦।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ସିନ୍ଦୁରିଆ ପଞ୍ଚାୟତ ହରିଦେଇପୁର ଗ୍ରାମ ପୋଖରୀରେ ମାଛ ଚାଷ ପାଇଁ ଆସିଥିବା ସବସିଡି ଟଙ୍କା ହଡ଼ପ କରାଯାଇଛି। ତେଣୁ ଏହି ଘଟଣାର ତଦନ୍ତ ପାଇଁ ସୋମବାର ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ୨୦୨୨/୨୩ ଆର୍ଥିକ ବର୍ଷରେ ହରିଦେଇପୁରସ୍ଥିତ ପୋଖରୀରେ ମାଛ ଚାଷ ପାଇଁ ବ୍ଲକ ପକ୍ଷରୁ ଭୋଳାଶଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଅନୁଦାନ ପ୍ରଦାନ କରାଯାଇଥିଲା। ହେଲେ ଏ ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କିଛି ଜାଣି ନ ଥିଲେ। ଏପରି କି ମାଛ ଚାଷ କରା ନ ଯାଇ କିଛି କୁଚକ୍ରୀ ଗୋଷ୍ଠୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅଗୋଚରରେ ସବସିଡ ବାବଦକୁ ଆସିଥିବା ୯୦ ହଜାର ଟଙ୍କା ହଡ଼ପ କରି ନେଇଥିଲେ। ଏହା ଜଣା ପଡିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଚିନ୍ତାରେ ପଡ଼ିଥିଲେ। ତେଣୁ ବ୍ଲକ କାର୍ଯ୍ୟାଳୟକୁ ଆସି ଟଙ୍କା ହଡପ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ରୀନାରାଣୀ ବିଶ୍ୱାଳ, ଲକ୍ଷ୍ମୀ ନାୟକ, ସନ୍ଧ୍ୟାରାଣୀ ବିଶ୍ୱାଳ, ନିବେଦିତା ବରାଳ, ଗୀତା ବେହେରା, ଜାନକୀ ବେହେରା, ସବିତା ବେହେରା, କୁନ୍ତଳା ବେହେରା, ଶାରଳା ସ୍ୱାଇଁ, ଚିନ୍ମୟୀ ପରମାଣିକ ପ୍ରମୁଖ ବହୁ ସଦସ୍ୟା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

## ରାମଚନ୍ଦ୍ରଙ୍କ ପାଇଁ ଆବାସ ଘର ସ୍ୱପ୍ନ

କାଏମା,୨୦।୨(ଡି.ଏନ୍.ଏ.): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାମଚନ୍ଦ୍ର ପରିଡାଙ୍କ ପାଇଁ ସାତ ସପନ ହୋଇଛି। ବୃଦ୍ଧ ବୟସରେ ରାମଚନ୍ଦ୍ରଙ୍କ ଜୀବନ ଭଙ୍ଗାଘରେ ଦୁର୍ଦ୍ଦଶା ଭିତରେ ବିତୁଛି। ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମପଞ୍ଚାୟତ ଗୋବିନ୍ଦରାମପାଟଣାରେ ରାମଚନ୍ଦ୍ରଙ୍କ ଘର। ପରିବାର କହିଲେ ସେ ଆଉ ତାଙ୍କ ସ୍ତ୍ରୀ ସରସ୍ୱତୀ। ପୁଅ କୈଳାସ ଅଲଗା ହୋଇ ଅନ୍ୟତ୍ର ରହୁଛନ୍ତି। ଦିନବେଳା ରାମଚନ୍ଦ୍ର ଗୁହାଳ ଘରେ ରହୁଥିବା ବେଳେ ରାତି ସମୟରେ ଘରପିଣ୍ଡାରେ ଶୁଅନ୍ତି। ନିର୍ବାଚନ ସମୟରେ ବିଭିନ୍ନ ପ୍ରତିଶ୍ରୁତି ମିଳିଥିବା ବେଳେ ଏବେ ତାହା ପାଣିର ଗାର ହୋଇଛି ବୋଲି ରାମଚନ୍ଦ୍ର କହିଛନ୍ତି। ସରସ୍ୱତୀ ୨ ମାସ ହେବ ଭତ୍ତା ପାଉନାହାନ୍ତି। ଏଥିପାଇଁ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇସାରିଛନ୍ତି। ଭତ୍ତା ମିଳୁ ନ ଥିବାରୁ ବହୁକଷ୍ଟରେ ଜୀବନ ବିତୁଛି। ଆବାସ ଯୋଜନାରେ ନାମ ମଧ ନାହିଁ। କୌଣସି ଗରିବ ଦୁଃଖକଷ୍ଟରେ ଏବଂ କଚ୍ଚା ଘର ରହିବ ନାହିଁ ବୋଲି ସରକାର କହୁଥିବାବେଳେ ରାମଚନ୍ଦ୍ରଙ୍କ କ୍ଷେତ୍ରରେ ଏହା ଓଲଟା ହୋଇଛି।


ରାମଚନ୍ଦ୍ର ପରିଡା

## ରବି ନାଏକ ମେମୋରିଆଲ୍ କ୍ରିକେଟ୍ ଉଦ୍‌ଯାପିତ

ଯାଜପୁର ଟାଉନ,୨୦।୨(ଡି.ଏନ.ଏ.)

ଯାଜପୁର ସହର ନିକଟସ୍ଥ ରାମବାଗ ଅଞ୍ଚଳର ମା'ଜାଗୁଲାଇ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ସୋମବାର ୯ମ ରବି ନାଏକ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍‌ରେ ଯାଜପୁର ଇଲେଭେନ୍ ଷ୍ଟାର ଭଦ୍ରକ ୟୁନିକ୍ ଏକାଦଶକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ଭଦ୍ରକ ୟୁନିକ୍ ଏକାଦଶ ଟସ୍‌ଜିଣି ବ୍ୟାଟିଂ କରିବା ସହ ୨୨ ଓଭର ଖେଳି ୧୪୫ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଯାଜପୁର ଇଲେଭେନ୍ ଷ୍ଟାର୍ ୭ ଉଇକେଟ୍ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଯାଜପୁର ଇଲେଭେନ୍ ଷ୍ଟାରର ଜି.ସାଇ ସୂର୍ଯ୍ୟା ମ୍ୟାନଅଫ୍‌ଦି ମ୍ୟାଚ୍ ଓ ମ୍ୟାନ୍‌ଅଫ୍‌ଦି ସିରିଜ୍ ଭାବେ ବିବେଚିତ ହୋଇଥିଲେ। ବି. ଶିବା ଶ୍ରେଷ୍ଠ ବୋଲର, ଜ୍ୟୋତିରଞ୍ଜନ ସ୍ୱାଇଁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ରୂପେ ବିବେଚିତ ହୋଇଥିଲେ। ବିଜୟୀ ଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ରନର୍ସ ଅପ୍ ଦଳକୁ ମଧ ଟ୍ରଫି ଓ ଅର୍ଥରାଶି ଦିଆ ଯାଇଥିଲା। ଏହି ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଜେନା, ବିଜେଡି ନେତା ଜୟନ୍ତ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ପାର୍ଥସାରଥି ମହାପାତ୍ର, ଶ୍ରୀଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ଓସିଏ ଅମ୍ପାୟାର ଖଗେଶ୍ୱର ଜେନା ଏବଂ ଶରତ ଚନ୍ଦ୍ର ଜେନା ପରିଚାଳନା କରିଥିଲେ।


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ଜଙ୍ଗଲରୁ ଗଛ କାଟିନେଲେ ଦୁର୍ବୃତ୍ତ

- ଘଟଣାସ୍ଥଳକୁ ଯାଉନାହାନ୍ତି ଅଧିକାରୀ
- ଡିଏଫ୍‌ଓଙ୍କୁ ଭେଟିବାକୁ ବନ ସୁରକ୍ଷା ସମିତି ଓ ମହିଳାଙ୍କ ମେଳି

କାଳିଆପାଣି,୨୦।୨(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ବନ ଖଣ୍ଡ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ରାଁସୋଳ ଗ୍ରାମ ଉପର ମୁଣ୍ଡରେ ଥିବା ଜଙ୍ଗଲରୁ ଦୁର୍ବୃତ୍ତ ଜେସିବି ମେଶିନ ଲଗାଇ ଅନେକ ଗଛ କାଟି ନେଇଛନ୍ତି। ଏହାକୁ ନେଇ ବନ ସୁରକ୍ଷା ସମିତି ସହ ୧୦୦ରୁ ଊର୍ଦ୍ଧ୍ୱ ମହିଳା ବନ ବିଭାଗ ଅଧିକାରୀଙ୍କୁ ଭେଟି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ତେବେ ଏହି ଘଟଣାକୁ ୮ ଦିନ ବିତି ଯାଇଥିଲେ ମଧ ସମ୍ପୃକ୍ତ ଅଭିଯୁକ୍ତଙ୍କ ପ୍ରତି ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ମହିଳାମାନେ ଡିଏଫ୍‌ଓଙ୍କୁ ଭେଟିବାକୁ ମେଳି କରିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଉକ୍ତ ଜଙ୍ଗଲରୁ ଗତ ୧୨ ତାରିଖରେ ଗଛ କଟାଯାଇଥିଲା। ଏକଥା ଜଣାପଡ଼ିବା ପରେ ବନ ସୁରକ୍ଷା ସମିତି ଓ ଗ୍ରାମର ମହିଳାମାନେ ଫରେଷ୍ଟର ନରେଶ କୁମାର ଟୁଡୁଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ମାତ୍ର ଟୁଡୁ ବିଭିନ୍ନ ବାହାନା କରି ସମ୍ପୃକ୍ତ ସ୍ଥାନକୁ ଯାଇ ନ ଥିଲେ। ମହିଳାମାନେ ତାଙ୍କୁ ବାରମ୍ବାର ଫୋନ କରିବାରୁ ଘଟଣାର ୩ ଦିନ ପରେ ଟୁଡୁ ଜଣେ ଫରେଷ୍ଟ ଗାର୍ଡଙ୍କୁ ପଠାଇ ମହିଳାଙ୍କ ସହ ଆଲୋଚନା କରାଇଥିଲେ। ଆଲୋଚନା ପରେ ମଧ ୧୦୦ ମିଟର ଦୂରରେ ରହୁଥିବା ଫରେଷ୍ଟର ନରେଶ ଟୁଡୁ ଗଛ କଟାଯାଇଥିବା ସ୍ଥାନରେ ପହଞ୍ଚି ନାହାନ୍ତି, ଯାହାକୁ ନେଇ ବନ ସୁରକ୍ଷା ସମିତି ଓ ୧୯୯୦ରୁ ଜଙ୍ଗଲ ଜଗାରଖା କରୁଥିବା ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ଦୁର୍ବୃତ୍ତ ରାତି ଅଧରେ ଜଙ୍ଗଲ ନଷ୍ଟ କରିବା ଘଟଣାକୁ ବନ ସୁରକ୍ଷା ସମିତି ଓ ମହିଳାମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଏନେଇ ଫରେଷ୍ଟର ଟୁଡୁଙ୍କ ପ୍ରତିକ୍ରିୟା ପାଇଁ ତାଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। ଏ ସମ୍ପର୍କରେ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟଙ୍କୁ ପଚାରିବାରେ ସେ କହିଛନ୍ତି, ଫରେଷ୍ଟରଙ୍କୁ ଘଟଣାସ୍ଥଳକୁ ଯାଇ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ସେ ନିଜେ ଘଟଣାସ୍ଥଳ ପରିଦର୍ଶନ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ବନ ବିଭାଗ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରୁଛି।


ଗଛ ଚୋରି ଘଟଣାର ତଦନ୍ତ ପାଇଁ ଏକାଠି ହୋଇଥିବା ମହିଳାମାନେ।

### ରାହାଜାନୀ ଅଭିଯୋଗରେ ଯୁବକ ଅଟକ

ଆଳି, (ଡି.ଏନ.ଏ.): ଆଳି ଥାନା ଅନ୍ତର୍ଗତ ଜଣେ ଯୁବକଙ୍କୁ ପୋଲିସ ରାହାଜାନୀ ଅଭିଯୋଗରେ ଅଟକ ରଖିଛି । ଜଣେ ହାଇୱା ଚାଳକଙ୍କଠାରୁ ୪ ଜଣ ଯୁବକ ଗାଡି ଅଟକାଇ ଟଙ୍କା, ଲାଇସେନ୍ସ, ମୋବାଇଲ ଆଦି ଲୁଟ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଜଣେ ଯୁବକଙ୍କୁ ଗାଡ଼ି ମାଲିକ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅନ୍ୟ ୩ଜଣ ଫେରାର ଅଛନ୍ତି। ସେମାନେ ବିଭିନ୍ନ ମନ୍ଦିରରୁ ମୂର୍ତ୍ତି ଚୋରି କରନ୍ତି ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ଆଳି ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

## ସଂକ୍ଷେପରେ

### ଆରଜିଏସ୍ଏଫ୍ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା ଅଫିସ,୨୦।୨: ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ (ଆରଜିଏସ୍ଏଫ୍) କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସୋମବାର ପ୍ରଦାନ କରାଯାଇଛି । ଏହାର ନେତୃତ୍ୱ ନେଉଥିବା ଜିଲା ସଭାପତି ଉମେଶ ପାଢ଼ୀ ଓ ରାଜ୍ୟ ସମ୍ପାଦକ ରଶ୍ମିରଞ୍ଜନ ଚୌଧୁରୀ କହିଛନ୍ତି, ଏହି ମହାବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ରାଜ୍ୟରେ ବହୁ ସୁନାମ ଆଣିଛି । ଏଠାରେ ଥିବା ଶୈକ୍ଷିକ ପରିବେଶ ସହିତ ନାକ ଟିମର ଭଲ ନଜରରେ ସର୍ବଦା ରହି ଆସିଛି । ଏହାବ୍ୟତୀତ କେନ୍ଦ୍ରାପଡ଼ା ଜିଲାରେ ସାକ୍ଷରତା ହାର ରାଜ୍ୟସ୍ତରରେ ଅଧିକ ରହିଥିଲେ ମଧ୍ୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲେ ଜିଲା ସମେତ ପଡୋଶୀ ୫ଟି ଜିଲାର ଶିକ୍ଷାର୍ଥୀଙ୍କୁ ଅଧିକ ଖର୍ଚ୍ଚ ବହନ କରିବାକୁ ପଡିବ ନାହିଁ । ଫୋରମ ପକ୍ଷରୁ ଏନେଇ ଗତ କିଛିଦିନ ପୂର୍ବେ ଜିଲାର ବିଭିନ୍ନ କଲେଜରୁ ଦସ୍ତଖତ ଅଭିଯାନ କରାଯାଇଥିଲା। ଷ୍ଟୁଡେଣ୍ଟ ଫୋରମର ଏହି ଦାବିପତ୍ରକୁ ଅଧ୍ୟକ୍ଷଙ୍କ ମାଧ୍ୟମରେ ପଠାଯାଇଥିବା ସେମାନେ ପ୍ରକାଶ କରିଥିଲେ।

### ଶତାୟୁଙ୍କ ପରଲୋକ



ମାର୍ଶାଘାଇ,୨୦।୨(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଞ୍ଚାୟତର ଶାସନିପଡା ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ଦିଗାମ୍ବର ନାୟକଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି । ତାଙ୍କୁ ୧୦୪ ବର୍ଷ ବୟସ ହୋଇଥିଲା । ଅବସର ପରେ ନାୟକ ଗାଁ ମୁଖିଆ ଭାବେ ବିଭିନ୍ନ ସାମାଜିକ ଓ ଆଧାତ୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ସ୍କୁଲରେ ପଢୁଥିବା ସମୟରେ ସେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ । ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ବିନୋଦ ବିହାରୀ ନାୟକ ମୁଖାଗ୍ନି ଦେଇଥିଲେ ।

# ମଧୁରଜଳ ବିନା ବିପଦରେ ଭିତରକନିକା

- ବଢୁଛି ପାନୀୟ ଜଳପ୍ରକଳ୍ପ, ହେଉନାହିଁ ସର୍ଭେ
- ଜାତୀୟ ଉଦ୍ୟାନକୁ ୩ ନଦୀ ସିଷ୍ଟମ କାମ କରିବନି
- ମହାନଦୀ ଓ ବୈତରଣୀର ମଧୁର ଜଳ ପହଞ୍ଚୁନାହିଁ

କେନ୍ଦ୍ରାପଡା ଅଫିସ,୨୦।୨

ଗତ ୧୩ ତାରିଖରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ମହାନିଗମର ପାନୀୟ ଜଳ ଭରଣା ପାଇଁ ମହାନଦୀରୁ ଦୈନିକ ୧୩୦ ମିଲିୟନ ଲିଟର ପାଣି ଉତ୍ତୋଳନ ହେବ ବୋଲି ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ଖରାଦିନ ଆରମ୍ଭରୁ ମହାନଦୀରେ ଜଳସଙ୍କଟ ଦେଖା ଦେଇଥିବା ବେଳେ ଆଗାମୀ ଦିନରେ ଶେଷମୁଣ୍ଡରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାରେ ମଧୁର ଜଳ ସଙ୍କଟ ଦେଖାଯିବ ବୋଲି ପରିବେଶବିତମାନେ ଆଲୋଚନା ଆରମ୍ଭ କରି ଦେଇଛନ୍ତି ।

ଏସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଶିକ୍ଷାବିତ୍ ଭୁବନମୋହନ ଜେନା, ଅଧ୍ୟାପକ କ୍ଷିତିଶ କୁମାର ସିଂହ, ଭିତରକନିକା ଇକୋ ସେନସେଟିଭ ଜୋନ ସଦସ୍ୟ ଶ୍ରୀକାନ୍ତ ନାୟକ, ସାମାଜିକ କର୍ମୀ ସଞ୍ଜୟ ବେହୁରା କୁହନ୍ତି, ମଧୁର ଜଳ ଅଭାବ ହେନ୍ତାଳବଣ ନଷ୍ଟର କାରଣ ହେବ । ଭିତରକନିକାର ପ୍ରାକୃତିକ ବିଭବ ବିଶ୍ୱସ୍ତରର ଆକର୍ଷଣ । ଏହି ବିଭବକୁ ରୁଦ୍ଧିମନ୍ତ ପାଇଁ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ନଦୀ ମଧୁର ଜଳ ଯୋଗାଇଥାଏ । ୬୦ ପ୍ରତିଶତ ଲୁଣା ଓ ୪୦ ପ୍ରତିଶତ ମଧୁର ଜଳର ମିଶ୍ରଣ ଅଞ୍ଚଳରେ ସାଧାରଣରେ ହେନ୍ତାଳବଣ ସୃଷ୍ଟି ହୋଇଥାଏ । ମଧୁର ଜଳ ନ ଥିବାରୁ ସମୁଦ୍ର ତଟରେ କେବଳ ଝାଉଁବଣ ଦେଖିବାକୁ ମିଳେ । ରାଜ୍ୟରେ ୪୮୦ କିଲୋମିଟର ଲମ୍ବର ତଟାଞ୍ଚଳରେ ମୋଟ ୨୨୨ ବର୍ଗ କିଲୋମିଟର ଘଞ୍ଚ ହେନ୍ତାଳବଣ ଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ମାତ୍ର ୪୮ କିଲୋମିଟର ତଟାଞ୍ଚଳରେ ସର୍ବାଧିକ ୧୮୩ ବର୍ଗକିଲୋମିଟର ଏହି ବଣ ଅଛି । ତେବେ



ହେନ୍ତାଳବନ ସଂଲଗ୍ନ ନଦୀ ।

ଭିତରକନିକାକୁ ମଧୁର ଜଳ ଯୋଗାଉଥିବା ୩ ସିଷ୍ଟମ ଏବେ ଅକାମୀ ହେବାକୁ ଯାଉଛି । ଛତିଶଗଡ ରାଜ୍ୟରେ ବନ୍ଧ ନିର୍ମାଣ ପରେ ଜଳକୁ ନେଇ ଓଡ଼ିଶା ସରକାରଙ୍କ ସହିତ ଦ୍ୱନ୍ଦ୍ୱ ଦେଖାଯାଇଛି । ଜଳସ୍ରୋତ ମହାନଦୀରେ କମୁଛି । ଏହି ସମୟରେ ମୁଣ୍ଡଳୀଠାରୁ ପାଣି ଉଠାଯିବା ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକ ସନ୍ତରାଠାରେ ମହାନଦୀ ପାଣିକୁ ରୋକା ଯାଇ କେନ୍ଦ୍ରାପଡ଼ା ଜିଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହେବାକୁ ଯାଉଛି । ଏହି ବ୍ୟାରେଜରୁ ଉଦ୍‌ବୃତ୍ତ ଜଳ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୨ଟି ମେଗା ପ୍ରକଳ୍ପ ନିର୍ମାଣାଧୀନ ଅଛି । ଏହାବ୍ୟତୀତ ମହାନଦୀ ଜଳକୁ ଶିଳ୍ପ ଓ ବହୁ ପାନୀୟ ପ୍ରକଳ୍ପ ସହିତ ଯୋଡାଯାଇଛି । ଫଳରେ ମହାନଦୀ ଓ ଏହା ସିଷ୍ଟମରେ ଥିବା ଜିଲାର ବିରୂପା, ଚିତ୍ରୋତ୍ପଳା, ଲୁଣା, କରାଣ୍ଡିଆ ଆଦି ନଦୀ ଓ କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କେନାଲରେ ଜଳାଭାବ ଦେଖାଯିବ । ଜଳ ତଳମୁଣ୍ଡରେ ଥିବା ଭିତରକନିକାକୁ ଏହାର ପାଣି ପହଞ୍ଚିବା ଆଶା ରହିବ ନାହିଁ । ସେହିପରି ଶିଳ୍ପ ଓ ବ୍ୟାରେଜ ପାଇଁ ବୈତରଣୀର ମଧୁର ଜଳ ଭିତରକନିକାକୁ ପହଞ୍ଚୁ ନାହିଁ । ଫଳରେ ବୈତରଣୀ ନଦୀକୁ ପାରକରି ଖରସ୍ରୋତାରୁ ପାଣି ଉଠାଇ ଭଦ୍ରକ ଜିଲାକୁ ନିଆଯାଉଛି । ଭିତରକନିକାକୁ ବର୍ଷା ଦିନ ବ୍ୟତୀତ ବ୍ରାହ୍ମଣୀ ନଦୀ ମାଧ୍ୟମରେ ଖରାଦିନେ ପାଣି ପହଞ୍ଚୁଥିଲା । ତେବେ ବ୍ରାହ୍ମଣୀ ଓ ଏହାର ସିଷ୍ଟମରେ ଥିବା ଖରସ୍ରୋତା ଜଳ ଉପରେ ଏବେ ବହୁ ପାନୀୟ ଜଳ ପ୍ରକଳ୍ପ ସହିତ ଶିଳ୍ପକୁ ପାଣି ଯୋଗାଯାଉଛି । ପରିସ୍ଥିତି ଏପରି ହୋଇଛିଯେ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ନଦୀନାଳକୁ ସମୁଦ୍ରର ଲୁଣି ଜଳ ମାଡିଆସିଲାଣି । ହେନ୍ତାଳବଣର ସୁରକ୍ଷା ପାଇଁ ନଦୀର ଜଳ ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ । ଏଥିନେଇ କୌଣସି ଯୋଜନା କାର୍ଯ୍ୟକାରୀ ହୋଇ ନାହିଁ । ମଧୁର ଜଳର ପରିମାଣ ସମ୍ପର୍କରେ ଏପର୍ଯ୍ୟନ୍ତ ଅନୁଧ୍ୟାନ ହେଉ ନ ଥିବା ଏହି ଆଦ୍ରଭୂମି ପ୍ରତି ବିପଦ ସୃଷ୍ଟି କରିଛି । ସେହିପରି ବିଭିନ୍ନ ସ୍ଥାନରେ ମେଗା ପ୍ରକଳ୍ପ ପରେ ଜାତୀୟ ଉଦ୍ୟାନର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କମିଟିର ରିପୋର୍ଟ କେବେ ଆସିବ ବୋଲି ସେମାନେ ପ୍ରଶ୍ନ ପଚାରିଛନ୍ତି।

## ଖବରଦାତାଙ୍କ ସାମାଜିକ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ

କେନ୍ଦ୍ରାପଡ଼ା ଅଫିସ, ୨୦।୨

ମହିଳା ସଶକ୍ତିକରଣ ଯୋଜନାରେ ମାଛ ଚାଷର ଉନ୍ନତି କିମ୍ବା ଅନିୟମିତା ହେଉ ଅଥବା ବନ୍ୟା ସମୟରେ ଜୀବନକୁ ବିପଦରେ ପକାଇ ଖବରଦାତାଟିଏ ସମସ୍ତଙ୍କୁ ସଚେତନ କରାଇଥାଏ । ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାଙ୍କ ପାଇଁ ଗଣମାଧ୍ୟମ ସୁନ୍ଦର ପଥ ପ୍ରଦର୍ଶନ କରେ । ସମାଜର ତୃଣମୂଳସ୍ତରରୁ ଖବର ଗୋଟାଇ ସମସ୍ତଙ୍କୁ ସୁରକ୍ଷିତ ରଖୁଥିବା ଖବରଦାତା ଏବେ ସାମାଜିକ ସୁରକ୍ଷାର ପ୍ରଶ୍ନ ମଧ୍ୟରେ ଘେରି ରହିଛି ବୋଲି ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ଆଲୋଚକମାନେ ମତ ରଖିଛନ୍ତି । କେନ୍ଦ୍ରାପଡ଼ା ଜିଲା ଶାଖାର ଏହି ଆଲୋଚନା ଚକ୍ର ଓ କର୍ମକର୍ତ୍ତା ନିର୍ବାଚନ ପଟ୍ଟାମୁଣ୍ଡାଇ ସହରର ଅଡିଟୋରିୟମ ହଲରେ ରବିବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂଘ ସମ୍ପାଦକ ଶିବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଙ୍କଟରେ ସାମ୍ବାଦିକତା ଶୀର୍ଷକ ଆଲୋଚନା ଚକ୍ରରେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ବରିଷ୍ଠ ଖବରଦାତା ସ୍ମୃତିରଞ୍ଜନ ବେହେରା, ଗ୍ରନ୍ଥକାର ହରିହର ତ୍ରିପାଠୀ ପ୍ରମୁଖ ଆଲୋଚକ ଭାବେ




ଆଲୋଚନାଚକ୍ରରେ ଭାଗ ନେଇଥିବା ଖବରଦାତା ।

### ଏସୟୁଜେର ଆଲୋଚନାଚକ୍ର, କର୍ମକର୍ତ୍ତା ନିର୍ବାଚନ

ଯୋଗ ଦେଇଥିଲେ । ଆଲୋଚକମାନେ ଖବର ପରିବେଷଣର ତୃଣମୂଳ ସମସ୍ୟା ଉପସ୍ଥାପନ କରିଥିଲେ । ସେମାନେ କହିଥିଲେ, ସଂପ୍ରତି ଖବର ପ୍ରସାରଣ ବ୍ୟୟ ବହୁଳ ହୋଇଥିବା ବେଳେ ଖବରଦାତାଙ୍କ ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ସକରାତ୍ମକ ଦୃଷ୍ଟିଭଙ୍ଗୀ ରହୁନାହିଁ । ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ କଟକଣା ଖବର ସଂଗ୍ରହରେ ବାଧା ପହଞ୍ଚାଉଛି । ଖବର ପ୍ରସାରଣ ପାଇଁ ଦୈନିକ ୨୪ ଘଣ୍ଟା ଖବରଦାତାମାନେ ସମୟ ଦେଉଛି । ତେବେ କେତୋଟି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ସଂସ୍ଥା ସ୍ୱଳ୍ପ ବେତନ ପ୍ରଦାନ କରୁଥିବା ବେଳେ ଅନ୍ୟମାନେ ଏଥିପ୍ରତି ଅଣଦେଖା କରୁଛନ୍ତି । ସଂଘବଦ୍ଧ ଭାବେ ଏହାକୁ ନେଇ ସ୍ୱର ଉଠାଇ ପାରିଲେ ଖବରଦାତାଙ୍କ ସାମାଜିକ ସୁରକ୍ଷା, ନିରାପତ୍ତା, ପେନସନ ଆଦି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସେମାନେ ମତ ରଖିଥିଲେ । କେନ୍ଦ୍ରାପଡ଼ାର ବହୁ ଖବରଦାତା ଏହି ଶୀର୍ଷକରେ ନିଜର ମତ ରଖିଥିଲେ । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ସଂଘର କର୍ମକର୍ତ୍ତା ମନୋନୟନ ହୋଇଥିଲା । ଜିଲା ସଭାପତି ଭାବେ ଦୈତାରୀ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ଉପସଭାପତି ଅସିତ ପଣ୍ଡା, ଅଶ୍ୱିନୀ ସାହୁ, ସହ ସମ୍ପାଦକ ମନୋଜ ଦାସ, ସଞ୍ଜୟ ପଣ୍ଡା, କୋଷାଧ୍ୟକ୍ଷ ଆକାଶ ଦାସ, ସଙ୍ଗଠନ ସମ୍ପାଦକ ମୁକ୍ତେଶ୍ୱର ସ୍ୱାଇଁ, କଲ୍ୟାଣ ପାଣ୍ଡି ସମ୍ପାଦକ ନିରଞ୍ଜନ ପରିଡା, ଓ ସ୍ୱତନ୍ତ୍ର ଟ୍ରିବୁନାଲ ଅଧ୍ୟକ୍ଷ ଭାବେ ନଳିନୀକାନ୍ତ ବେହେରାଙ୍କୁ ମନୋନୀତ କରାଯାଇଥିଲା ।

## ପଟ୍ଟାମୁଣ୍ଡାଇରେ ମିଳିତ ଜନଶୁଣାଣି ଶିବିର

### ଜିଲାପାଳ,ଏସ୍‌ପିଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

ପଟ୍ଟାମୁଣ୍ଡାଇ,୨୦।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ୍ ସଭାଗୃହରେ ସୋମବାର କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଏସ୍‌ପିଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଏସ୍‌ପି ହରେଶ ପାଣ୍ଡେ, ଉପଜିଲାପାଳ ନିରଞ୍ଜନ ବେହେରା, ତହସିଲଦାର ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ମୋଟ ୭୬ ଅଭିଯୋଗ ଉପସ୍ଥାପିତ ହୋଇଥିଲା । ସେଥିମଧ୍ୟରୁ ୭ ସାମୁହିକ ଅଭିଯୋଗ ଥିବାବେଳେ ୬୯ଟି ରାଶନକାର୍ଡ, ଭତ୍ତା ଓ ଆବାସ ଆଦି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା । ଜନଶୁଣାଣି ଶିବିରରେ ଜିଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତକୁ ନେଇ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ମୁଖ୍ୟତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, କୃଷି, ରାସ୍ତାଘାଟ, ରାଶନକାର୍ଡ ଓ ଚାଷୀ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ ହୋଇଥିଲା । ସମସ୍ତ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଅତିରିକ୍ତ ଏସପି ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜନଶୁଣାଣୀ ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ।

## ପଞ୍ଚୁବରାହୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ରାଜନଗର, ୨୦।୨ (ଡି.ଏନ୍. ଏ.)

ରାଜନଗର ବ୍ଲକ ମାଣପଡ଼ା ପଞ୍ଚୁବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଶୁଭ୍ରଜ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ମହେଶ୍ୱର ସାହୁ, ବିଶ୍ୱନାଥ ରାଉତ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ସ୍ୱାଇଁ, ଉପସଭାନେତ୍ରୀ ସଂଯୁକ୍ତା ଦାସ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସପନ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁନାକର ମଲିକ ସ୍ୱାଗତ ଭାଷଣ ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ଆଳି,୨୦।୨(ଡି.ଏନ୍.ଏ.)

ରବିବାର ବିଳମ୍ବିତ ରାତିରେ କଟକ-ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ଏକ ହାଇୱା ଓ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଆହତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ବିଞ୍ଝାରପୁର ଥାନା ଅନ୍ତର୍ଗତ କଣ୍ଟିତର ଗ୍ରାମର ବିଶ୍ୱଜିତ ବେହୁରିଆ ଜଗତସିଂହପୁର ଜିଲାର ବାଲିକୁଦା ଭାରତ ଫାଇନାନ୍ସର ଶାଖା ପରିଚାଳକ ଭାବେ କାର୍ଯ୍ୟରତ ଥିଲେ । ରବିବାର ବିଶ୍ୱଜିତ ଓ ଅଫିସର ଜଣେ କର୍ମଚାରୀ ତଥା ପୁରୀ ଅସ୍ତରଙ୍ଗର ସନ୍ତୋଷ କୁମାର ବେହେରାଙ୍କ ସହ ଘରକୁ ଆସିଥିଲେ । ସନ୍ଧ୍ୟାରେ ଉଭୟ ଜଗତସିଂହପୁର ଅଭିମୁଖେ ବାଇକ୍(ନଂ.ଓଡି ୦୨ ବିଜେଡ୍ ୧୪୦୪)ରେ ଫେରୁଥିଲେ । ଏହି ସମୟରେ କଟକ -ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ଏକ ହାଇୱା(ନଂ.ଓଆର ୦୪ଜ ୨୩୯୧) ସହିତ ବାଇକ୍‌ର ଧକ୍କା ହୋଇଥିଲା । ଦୁହେଁ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ଆଳି ଦମକଳ କେନ୍ଦ୍ରର କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଆଳି ମେଡିକାଲ ଆଣିଥିଲେ । ବିଶ୍ୱଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ସନ୍ତୋଷଙ୍କୁ କଟକ ବଡ଼ ମେଡିକାଲ ରେଫର କରାଯାଇଛି । ଏ ନେଇ ବିଶ୍ୱଜିତଙ୍କ ବାପା ଆଳି ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ଆଳି ଥାନା ପୋଲିସ ଏକ ମାମଲା(ନଂ ୧୯୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଟ୍ରକ୍ ଧକ୍କାରେ ମାଆ ମୃତ, ପୁଅ ଗୁରୁତର

ମାର୍ଶାଘାଇ,୨୦।୨(ଡି.ଏନ୍.ଏ.)

ମାର୍ଶାଘାଇ ଥାନା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ସିଲିପୁର ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ତାଙ୍କ ପୁଅ ଗୁରୁତର ହୋଇଛନ୍ତି । ପୋଲିସର ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଜମ୍ବୁ ମେରାଇନ ଥାନା ଅନ୍ତର୍ଗତ ଭାଟେଣୀ ଗ୍ରାମର ମଞ୍ଜୁଲତା ଗୋଲ ବଡ଼ ପୁଅ ଶିବବ୍ରତଙ୍କ ସହ ଏକ ବାଇକ୍(ନଂ. ଓଡ଼ି୨୯ ଡି୪୭୭୦)ରେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ଯାଉଥିଲେ । ହେଲେ ସିଲିପୁର ଛକ ନିକଟ ମା'ଶାରଳା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ଚାଲି ଯାଇଥିଲା । ମଞ୍ଜୁଲତା ଓ ଶିବବ୍ରତ ରାସ୍ତା ଉପରେ ଛିଟିକି ପଡିଥିଲେ । ଘଟଣାସ୍ଥଳରେ ମଞ୍ଜୁଲତାଙ୍କ ମୃତ୍ୟୁ ଘଟିଥିବା ବେଳେ ଶିବବ୍ରତଙ୍କୁ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଡାକ୍ତରଖାନା ପଠାଯାଇଥିଲେ । ଡାକ୍ତର ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ସାନପୁଅ ଶମ୍ଭୁଜୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ପଲ୍ଲୀରେ ପ୍ରଶାସନ, ୧୪୬ ଅଭିଯୋଗ



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ।

### ଈଶ୍ୱରପୁର ପଞ୍ଚାୟତ

ରାଜନଗର, ୨୦।୨(ଡି.ଏନ୍.ଏ.)

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁରଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁରେଖା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୧୪୬ ଜଣ ଲୋକ ପ୍ରଧାନମନ୍ତ୍ରୀ ଆବାସ, ରାଶନକାର୍ଡ, ଭତ୍ତା, ପାଇଖାନା ପ୍ରଭୃତି ଯୋଜନା ପାଇବା ପାଇଁ ଅଭିଯୋଗ କରିଥିଲେ । ତହସିଲଦାର ଭୂୟାଁ ୫୩ଟି ପଟ୍ଟା ବଣ୍ଟନ କରିଥିଲେ । ସେଥିମଧ୍ୟରୁ ୭ଟି ପଟ୍ଟା ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା କୃଷ୍ଣନଗର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦାରୁଓରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିଳପୋଖରୀ ପ୍ରାଥମିକ ବିଦ୍ୟାଳୟ, ଉତ୍କଳମଣି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରବି ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାବଣେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପିଞ୍ଚାପାଟିଆ ଅଙ୍ଗନୱାଡି କେନ୍ଦ୍ର ପ୍ରମୁଖ ଶିକ୍ଷାନୁଷ୍ଠାନକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଡିଓ ସମୀର କୁମାର ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ଡା. ଆଦିତ୍ୟ ନାରାୟଣ ପ୍ରଧାନ, ଏବିଇଓ କଳ୍ପନା ଦେଇ, ସମିତିସଭ୍ୟ ଶଶିକଳା ବେହେରା, ନାଏବ ସରପଞ୍ଚ ଅଭିରାମ ମୁଦୁଲି ପ୍ରମୁଖ ଯୋଗଦେଇ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ମାନସ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## ଗହୀରମଥାରୁ ୧ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨୦।୨(ଡି.ଏନ୍.ଏ.)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୮ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ନବୀନ କୁମାର ମଲ୍ଲିକ ଓ ବନ କର୍ମଚାରୀମାନେ ବିରଳ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ ମାଛ ମାରୁଥିବା ହରେକୃଷ୍ଣ ନାମକ ଟ୍ରଲର ଜବତ କରିଥିଲେ । ସେଥିରେ ଥିବା ନରେନ ମାଝି, କାର୍ତ୍ତିକ ବାରିକ, ଭଞ୍ଜ ସେଠୀ, ପ୍ରଶାନ୍ତ ମାଝି, ନିରଞ୍ଜନ ଖଟୁଆ, ସୁରେଶ ମାଝି, ଚନ୍ଦନ ମଲିକ, ସାନନ୍ଦ ମଲିକ ପ୍ରମୁଖ ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଜବତ ଟ୍ରଲରରୁ ୧ କୁଇଣ୍ଟାଲ ମାଛ, ୧୨ଟି ଟ୍ରଲିଂ ନେଟ୍, ଗୋଟିଏ ଫିସ୍ ଫାଇଣ୍ଡର, ଗୋଟିଏ ଭିଏଚ୍ଏଫ୍ ଓ ୨ଟି ଜିପିଏସ୍ ଜବତ କରାଯାଇଛି ।

## ବାଲିଘାଟରେ ହାଇୱା ମାଡ଼ିଯାଇ ଶ୍ରମିକ ମୃତ

- ଉତ୍ତେଜନା, ନିଲାମଧାରୀଙ୍କ ଅସ୍ଥାୟୀ ଅଫିସ ପୋଡ଼ି
- ଲୁଣା-କରାଣ୍ଡିଆ ସେତୁ ଅବରୋଧ

ଡେରାବିଶ,୨୦।୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ତହସିଲ ଅଧୀନ ବସପୁରଠାରେ ଲୁଣାନଦୀର ବାଲିଘାଟରୁ ବାଲି ଚାଲାଣ ସମୟରେ ହାଇୱା ମାଡ଼ିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସୋମବାର ସକାଳେ ଏହି ଘଟଣା ପରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିବା ସହିତ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି । ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଆନ୍ଦୋଳନକାରୀମାନେ ନିଲାମଧାରୀଙ୍କ ଅସ୍ଥାୟୀ ଅଫିସକୁ ପୋଡ଼ି ଦେବା ସହିତ ଲୁଣା-କରାଣ୍ଡିଆ ସେତୁକୁ ଅବରୋଧ କରିଥିଲେ ।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ବସପୁର ପଞ୍ଚାୟତର ବସପୁରଠାରେ ଥିବା ବାଲିଘାଟରୁ ପ୍ରତିଦିନ ଶତାଧିକ ହାଇୱାରେ ବାଲି ବିଭିନ୍ନ ସ୍ଥାନକୁ ଯାଉଛି । ସୋମବାର ଏକ ହାଇୱା ପଛୁଆ ଯାଉଥିବା ବେଳେ ଟ୍ରକ ପଛରେ ଥିବା ବସପୁର ପଞ୍ଚାୟତ ଆରିପଦା ଗ୍ରାମର ଲକ୍ଷ୍ମଣ ମଲିକ (୪୬)ଙ୍କ ଉପରେ ହଠାତ୍



ଉତ୍ତ୍ୟକ୍ତ ଲୋକମାନେ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି ।

ମାଡ଼ି ଯାଇଥିଲା । ଅନ୍ୟ ଶ୍ରମିକମାନେ ଏହାଦେଖି ଖୁବ୍ ଜୋରରେ ପାଟି କରିଥିଲେ । ଚାଳକ ଗାଡ଼ି ଅଟକାଇଥିଲେ ମଧ୍ୟ ଲକ୍ଷ୍ମଣଙ୍କୁ ଉଦ୍ଧାର ନ କରି ଫେରାର ହୋଇଯାଇଥିଲେ । ଏହାପରେ ଅନ୍ୟ ଶ୍ରମିକମାନେ ଗୁରୁତର ଅବସ୍ଥାରେ ଲକ୍ଷ୍ମଣଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ଜଣାପଡ଼ିବା ପରେ ଲକ୍ଷ୍ମଣଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ପହଞ୍ଚି ପାଟିତୁଣ୍ଡ କରିଥିଲେ । ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଏହି ସମୟରେ ଉତ୍ତ୍ୟକ୍ତ ଲୋକମାନେ ଘାଟରେ ଥିବା ନିଲାମଧାରୀଙ୍କ ଅସ୍ଥାୟୀ ଅଫିସ ଗୃହରେ ନିଆଁ ଲଗାଇ ଦେଇଥିଲେ । ଏଥିସହ ଲୁଣା-କରାଣ୍ଡିଆ ନଦୀ ସେତୁ ଉପରେ ଟାୟାର ଓ କାଠ ଜାଳି ରାସ୍ତା ଅବରୋଧ କରିଥିଲେ । ମୃତକ ପରିବାରକୁ କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ଓ ଲକ୍ଷ୍ମଣଙ୍କ ପୁଅକୁ ସରକାରୀ ଚାକିରୀ ଦେବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଥିଲେ । କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ସଦର ଥାନା ଅଧିକାରୀ ସରୋଜ ସାହୁ, ଏସ୍‌ଆଇ ବିଶ୍ୱଭୂଷଣ ସାହାଣି ଓ ଏଏସ୍‌ଆଇ ବିଜୟ କୁମାର ଦାଶ ସଦଳବଳେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ଥାନାକୁ ନେଇଛି । ଏ ନେଇ ସଦର ଥାନାରେ ଏକ ମାମଲା(ନଂ.୧୬୦/୨୦୨୩) ରୁଜୁ ହୋଇଛି । ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଆଜି କ'ଣ କେଉଁଠି

**ବୁଗୁଡା**

- ଶ୍ରୀ ମାଙ୍କ ୧୪୬ ତମ ଜନ୍ମ ମହୋତ୍ସବ। ସ୍ଥାନ-ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ସମୟ-ସକାଳ ୮ଟା
- **ପୋଲସରା**
- ଏସ୍‌ଆଇଏସ୍ ପକ୍ଷରୁ ନିଯୁକ୍ତି ମେଳା। ସ୍ଥାନ-ବ୍ଲକ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ଆଇଟିଡିଏ ପକ୍ଷରୁ କ୍ୟାରିୟର କାଉନସେଲିଂ

ଫୁଲବାଣୀ ଅଫିସ, ୨୦।୨- ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ସଭାଗୃହରେ ସୋମବାର କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇ-ପାଠାଗାରର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ କ୍ୟାରିୟର ଉପରେ ଅବଗତ କରାଇଥିଲେ । ସିଭିଲ ସର୍ଭିସ୍‌ରେ ନିଜର ଅଭିଜ୍ଞତା ବଖାଣିବା ସହ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରେରଣା ଦେଇଥିଲେ। ପ୍ରତି ମାସରେ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏପରି କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଧ୍ୟ ସୂଚନା ଦେଇଥିଲେ। ସେହିପରି ଏନ୍‌ଆଇଟି ଖଡଗପୁର ପାସ୍ ଆଉଟ ଆନିନ୍ଦ୍ୟ ସୁନ୍ଦର ଇଞ୍ଜିନିୟରିଂ ପାଠ୍ୟକ୍ରମ ପ୍ରସ୍ତୁତି, ଗେଟ୍, ନେଟ୍ ପରୀକ୍ଷା ବିଷୟରେ କାଉନସେଲିଂ କରିଥିଲେ। ଡା. ବିଜୟ କୃଷ୍ଣ ମିଶ୍ର ଡାକ୍ତରୀ ବିଭାଗରେ ଭବିଷ୍ୟତ ଗଢ଼ିବା ଦିଗରେ ପ୍ରଶିକ୍ଷଣ ଦେଇଥିଲେ। ନବ ନିଯୁକ୍ତ ଓଏଏସ୍ ଟ୍ରେନି ଅଫିସର ଶୁଭଶ୍ରୀ ରଥ, ଅଲି ମାଝୀ, ବିକ୍ରମ କେଶରୀ ନାୟକ, ମନ୍ତୁ ଖମାରୀ ସିଭିଲ ସର୍ଭିସ ପରୀକ୍ଷା ପ୍ରସ୍ତୁତି, ନିଜର ଅନୁଭୂତି ପ୍ରକାଶ କରିବା ସହ ଅତ୍ୟାଧୁନିକ ପ୍ରଣାଳୀ ଓ ୱେବସାଇଟ ଆଦି ଉପରେ ଛାତ୍ରୀଛାତ୍ରମାନଙ୍କୁ କାଉନସେଲିଂ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲାଇବ୍ରେରିୟାନ୍ ଶିବ ସୁନ୍ଦର ସାହୁ ଓ ଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଇକ୍ ଧକ୍କାରେ ମହିଳା ମୃତ

ଶେରଗଡ଼,୨୦।୨(ଡି.ଏନ.ଏ.)-ଶେରଗଡ଼ ବ୍ଲକ ହଡିଚିରା ଗ୍ରାମ ରାସ୍ତାରେ ସୋମବାର ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁଳସୀ ନାୟକ(୩୫)। ସକାଳେ ହଡିଚିରାର ମାଧବ ଜେନା ନିଜ ବାଇକ ଯୋଗେ କୁଲାଗଡ଼ ଆସୁଥିବା ବେଳେ ବାଲି ଗ୍ରାମ ନିକଟରେ ରାସ୍ତାରେ ଯାଉଥିବା ତୁଳସୀଙ୍କୁ ଧକ୍କା ଦେଇଥିଲେ। ତୁଳସୀଙ୍କୁ ଗୁରୁତର ଅବସ୍ଥାରେ ଶରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ସେଠାରେ ତୁଳସୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ୫୦ ଏକର ଗଞ୍ଜେଇ ଚାଷ ନଷ୍ଟ

ବାଲିଗୁଡ଼ା,୨୦।୨(ଡି.ଏନ.ଏ.)-ବାଲିଗୁଡା ପୋଲିସ ବ୍ଲକ କୁଟିକିଆ ପଞ୍ଚାୟତର ସାଉଟିକିଆ ଅଞ୍ଚଳରୁ ସୋମବାର ଗଞ୍ଜେଇ ଚାଷ ନଷ୍ଟ କରିଛି। ବାଲିଗୁଡା ପୋଲିସ ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ବେଆଇନ ଭାବରେ ଲାଗିଥିବା ଗଞ୍ଜେଇ ଗଛ ପ୍ରାୟ ୫୦ ଏକରକୁ ନଷ୍ଟ କରିଛି। ଏ ନେଇ ନଂ. ୪୩/୨୩ରେ ଏକ ମାମଲା ରୁଜୁ କରିଥିବା ବେଳେ ଏହି ଚଢ଼ାଉରେ ବାଲିଗୁଡା ଥାନା, ଅବକାରୀ ବିଭାଗ, ଓ ଶ୍ରମିକ ସାମିଲ ଥିଲେ।

### ବିଜୁ ଜନତା ଦଳ ଲୋକଙ୍କ ସେବାରେ ଅଛି:ମୀରା

କୋରାପୁଟ, ୨୦।୨(ସ୍ୱ.ପ୍ର.)- ବିଜୁ ଜନତା ଦଳ ଲୋକମାନଙ୍କ ସେବାରେ ଅଛି। ସର୍ବଦା ରହିଥିବ ବୋଲି ସୋମବାର କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ବିଜୁ ଜନତା ଦଳର କୋରାପୁଟ ଜିଲା ପର୍ଯ୍ୟବେକ୍ଷିକା ତଥା ମୁକ୍ତା ଯୋଜନାର ରାଜ୍ୟ ଉପଦେଷ୍ଟା ମୀରା ପରିଡା କହିଛନ୍ତି। କୋରାପୁଟ ସର୍କିଟ ହାଉସଠାରେ ଆୟୋଜିତ ମହିଳା ନେତୃବର୍ଗଙ୍କ ସହ ସାଙ୍ଗଠନିକ ବିଷୟ ଉପରେ ଆଲୋଚନା ବେଳେ ସେ ଏହା କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ତଥା ଜନକଲ୍ୟାଣମୂଳକ ଯୋଜନାଗୁଡିକରୁ ଲାଭ ଯେପରି ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ କୋରାପୁଟ ଜିଲା ବିଜୁ ଜନତା ଦଳ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଜୁ ଜନତା ଦଳ ସଭାନେତ୍ରୀ ପାର୍ବତୀ ମସ୍ତି, ଜିଲା ପରିଷଦ ସଭାପତି ସସ୍ମିତା ମେଲକାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁଇ ପ୍ରକଳ୍ପ ପ୍ରତିଷ୍ଠା ଲାଗି ଗ୍ରାମବାସୀ ରାଜି

# ଦାବି ପୂରଣ ନେଇ ଜିଲାପାଳଙ୍କୁ ଅନୁରୋଧ

### ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର

ଛତ୍ରପୁର,୨୦।୨(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟରେ ଟାଟା କମ୍ପାନୀ ଏସ୍‌ଇଜେଡ୍‌ର ପାଚେରି ନିର୍ମାଣ ଏବଂ ଏହା ପରିସରରେ ସ୍ମାର୍ଟକେମ୍ ଟେକ୍‌ନୋଲଜିର ଆମୋନିୟମ ନାଇଟ୍ରେଟ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ଚାଲିଥିବା ସମସ୍ୟା ଦୂର ହୋଇଛି । ଏହି ଦୁଇ କାର୍ଯ୍ୟକୁ ୮ ମାସ ଧରି ବିରୋଧ କରି ଆସୁଥିବା କାଳିପଲ୍ଲୀ ଗ୍ରାମବାସୀ ଏବେ ଉକ୍ତ ୨ ପ୍ରକଳ୍ପ ପ୍ରତିଷ୍ଠା ଲାଗି ରାଜି ହୋଇଛନ୍ତି। ଗାଁ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଗାଁ କମିଟିର ୨୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସମ୍ମତି ଜଣାଇ ଛତ୍ରପୁର ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍‌ଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତେବେ ଏହି ସମ୍ମତି ନେଇ କେତେକ ଦାବି ପୂରଣ କରିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିଥିବା ଜଣାପଡ଼ିଛି । ଲୋକଙ୍କ ନାଁରେ ହୋଇଥିବା ମାମଲା ପ୍ରତ୍ୟାହାର, ହେବାକୁ ଥିବା ପ୍ରକଳ୍ପରେ ଗାଁର ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି, ଡିନୋଟିଫିକେଶନ ସର୍ଭେ କାମ ଆରମ୍ଭ କରିବା, ଚୈତନ୍ୟ ମହାପ୍ରଭୁଙ୍କ ଜମି, ପୋଖରୀ, କୂଅର କ୍ଷତିପୂରଣ ପ୍ରଦାନ ଓ ଦୂଷିତ ଜଳ ନିଷ୍କାସନ ପାଇଁ ନାଳ ନିର୍ମାଣ ଆଦି ଦାବି ରହିଛି ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୦।୨(ଡି.ଏନ୍.ଏ.)

ରେଳବାଇ ପୋଲିସ ସୋମବାର ବ୍ରହ୍ମପୁର ଖୋଡ଼ାସିଂ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ୩୦ରୁ ୩୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ମୃତଦେହ ଜବତକରି ନଂ.୧୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଛି। ପରେ ପରିଚୟ ସ୍ପଷ୍ଟ ପାଇଁ ଶବ ସଂରକ୍ଷଣ ଗୃହରେ ତାହାକୁ ୪ଦିନ ଯାଏ ରଖାଯିବ ବୋଲି କହିଛି।

## ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପିତ




ବୁଗୁଡା କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର ।

ବୁଗୁଡ଼ା,୨୦।୨(ଡି.ଏନ୍.ଏ.)

ବୁଗୁଡ଼ା ପିପୁଲ୍ଲି କଲେଜ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଜିଲା ସଂଯୋଜକ ଜୟନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉଚ୍ଚ ଶିକ୍ଷା ବିଭାଗ ପ୍ରାୟୋଜିତ ଉକ୍ତ ତ୍ରିଦିବସୀୟ ଶିବିରରେ ୧୩ଟି କଲେଜର ୮୦ ଜଣ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ସାଧନ କର୍ମୀ ଭାବେ ଓଡ଼ିଶା ଜାତୀୟ ସେବା ଯୋଜନା ତାଲିମ କାର୍ଯ୍ୟକ୍ରମ ସଂଯୋଜକ ନୀରଦ ବରଣ ଖୁଣ୍ଟିଆ, ୟୁଥ୍ ରେଡ୍‌କ୍ରସ କାଉନ୍‌ସିଲର ରାମକୃଷ୍ଣ ମଣ୍ଡଳ, ଖୋର୍ଦ୍ଧା ଜିଲା ଏନ୍‌ଏସ୍‌ଏସ୍ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ରଘୁନାଥ ମଣ୍ଡଳ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଦାମ ଚରଣ ବିଷୋୟୀ, ପ୍ରାକ୍ତନ ଡିପିଓ ସତୀଶ ଚନ୍ଦ୍ର ନାୟକ, ଜଗନ୍ନାଥ ପ୍ରସାଦ କଲେଜ ଅଧ୍ୟାପକ ଦିଲ୍ଲୀପ କୁମାର ଆଚାର୍ଯ୍ୟ, ପିପୁଲ୍ଲି କଲେଜ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ଯୋଗ ଦେଇ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବୀନ୍ଦ୍ର ନାଥ ପୋଲାଇ ପରିଚାଳନା କରିଥିବା ବେଳେ ଶୁଭସ୍ମିତା ମହାପାତ୍ର, ଦୁର୍ଗା ମାଧବ ଦାଶ, ଜ୍ୟୋତ୍ସ୍ନା ପଟ୍ଟନାୟକ ଓ ବିପ୍ଳବ ଚରଣ ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ବକ୍ତୃତା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିପୁଲ୍ଲି କଲେଜ ଛାତ୍ରୀ ସ୍ନେହଲତା ଦାଶ ସର୍ବୋତ୍ତମ ସ୍ୱେଚ୍ଛାସେବୀ ଭାବେ ବିବେଚିତ ହୋଇଥିବା ବେଳେ ସମସ୍ତ ସ୍ୱେଚ୍ଛାସେବୀ ଏଥିରେ ଭାଗ ନେଇଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ପିଲାମାନଙ୍କ ସହ ମନ୍ତ୍ରୀ ଭର୍ଚୁଆଲ ଲ୍ୟାବରେ ବିଷୟ ବସ୍ତୁ ଦେଖୁଛନ୍ତି।

ଫୁଲବାଣୀ ଅଫିସ, ୨୦।୨

କନ୍ଧମାଳ ଜିଲା ଦିନିକିଆ ଗସ୍ତରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୋମବାର ବିଦ୍ୟାଳୟରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି ।ଏଥିସହ କିଛି ବିଦ୍ୟାଳୟକୁ ଯାଇ ପିଲାମାନଙ୍କ ପାଠ ପଢ଼ା ଉପରେ ଅବଗତ ହେବା ସହ ଭିତ୍ତିଭୂମି ପରଖିଛନ୍ତି।

ମନ୍ତ୍ରୀ ପ୍ରଥମେ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଜିଲାପାଳ ଏବଂ ଶିକ୍ଷା ବିଭାଗ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଶିକ୍ଷକମାନଙ୍କ ପେନଶନ, ବିଭାଗରେ ଥିବା କୋର୍ଟ ମାମଲା, ମଧ୍ୟାହ୍ନ ଭୋଜନ, ପିଲାମାନଙ୍କ ଡ୍ରେସ, ସାଇକେଲ, ପରୀକ୍ଷା, ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ା ଆଦି ଉପରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ସେହିପରି ଆଜିଠାରୁ ଆରମ୍ଭ ହୋଇଥିବା ନବମ ଶ୍ରେଣୀ ପରୀକ୍ଷା, ମାର୍ଚ୍ଚ ମାସରେ ହେବାକୁ ଥିବା ଦଶମ ଶ୍ରେଣୀ ପରୀକ୍ଷା, ଆଦର୍ଶ ବିଦ୍ୟାଳୟ କୋଠା ଓ ହଷ୍ଟେଲର ଭିତ୍ତିଭୂମି, ଶିକ୍ଷକଙ୍କ ଅଭାବ ପୂରଣ ଉପରେ ମଧ୍ୟ ଆଲୋଚନା କରିଥିଲେ। ଏହା ପରେ ଫୁଲବାଣୀ ସ୍ଥିତ ଏ.ଜେ.ଓ ଉଚ୍ଚ ବିଦ୍ୟାଳୟକୁ ଯାଇ ଶ୍ରେଣୀଗୃହ ବୁଲିବା ସହ ଭର୍ଚୁଆଲ୍ ରିଅଲିଟି ଲ୍ୟାବ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଲ୍ୟାବ ମାଧ୍ୟମରେ ଛାତ୍ରୀଛାତ୍ରମାନେ କୌଣସି ବିଷୟ ବସ୍ତୁକୁ ଭଲ ଭାବରେ ଦେଖି ଅତି ସହଜରେ ବୁଝି ପାରିବେ । ଏହା ଦ୍ୱାରା ପିଲାମାନଙ୍କ ଶିକ୍ଷାରମାନ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଥିଲେ । ଆଗାମୀ ଦିନରେ ଜିଲାର ଦୁର୍ଗମ ଅଞ୍ଚଳ ଗୁଡ଼ିକରେ ରହିଥିବା ଶିକ୍ଷକ ଏବଂ ଶ୍ରେଣୀଗୃହ ଅଭାବ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ମନ୍ତ୍ରୀ ପିରିକୁଡି ବିଦ୍ୟାଳୟ, ଦୂତୀପଡା ବିଦ୍ୟାଳୟ ଯାଇ ପିଲାମାନଙ୍କ ସହ ଭାବ ଆଦାନ ପ୍ରଦାନ କରି ଭୁବନେଶ୍ୱର ଫେରି ଯାଇଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ସମସ୍ତ ବ୍ଲକ ଶିକ୍ଷାଧିକାରୀ, ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲମାନେ ସାମିଲ ଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ

ଦିଗପହଣ୍ଡି,୨୦।୨(ଡି.ଏନ୍.ଏ.)

ଦିଗପହଣ୍ଡି ବାରିକସାହିର ଲିଲିମା ନାୟକଙ୍କୁ ତାଙ୍କ ସ୍ୱାମୀ ସନ୍ତୋଷ ନାୟକ ଓ ପରିବାର ଲୋକେ ଯୌତୁକ ନିର୍ଯାତନା ଦେବା ସହ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସନ୍ତୋଷ ଅନ୍ୟ ଏକ ସ୍ତ୍ରୀଙ୍କୁ ବିବାହ କରିଥିବା ନେଇ ଲିଲିମା ପ୍ରତିବାଦ କରିବାରୁ ତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଆକ୍ରମଣ କରିଛନ୍ତି। ଲିଲିମାଙ୍କ ଏତଲାକ୍ରମେ ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଅଭିଯୁକ୍ତମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛନ୍ତି। ଥାନା ଏସ୍‌ଆଇ ସ୍ୱର୍ଣ୍ଣଲତା ପାତ୍ର ମାମଲାର ତଦନ୍ତ ଚଳାଇଛନ୍ତି। ଗିରଫ ଭୟରେ ସନ୍ତୋଷ ଏବଂ ତାଙ୍କ ପରିବାର ଲୋକେ ଫେରାର ଥିବା ଜଣାପଡିଛି।

## କଇଠଖଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ସଭାରେ ମୁଖ୍ୟଅତିଥିଙ୍କ ଉଦ୍‌ବୋଧନ ।

ଦିଗପହଣ୍ଡି,୨୦।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୀନତି କୁମାରୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମଧୁବନ ଆଞ୍ଚଳିକ ସାଧନ କର୍ମୀ ବାବୁଲାଲ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟତମ ଆଞ୍ଚଳିକ ସାଧନ କର୍ମୀ ସନ୍ତୋଷ କୁମାର ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାକୁ ଖୁବଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅତିଥି ବୃନ୍ଦ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀ ଛାତ୍ର ମାନଙ୍କୁ ପ୍ରଶଂସା ପତ୍ର ଏବଂ ପୁରସ୍କାର ବିତରଣ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସହଦେବ ପ୍ରଧାନ, ସୁଲମନ ମଣ୍ଡଳ, ସୋମନାଥ ବେହେରା, ସତ୍ୟବାନ ଗୌଡ, ଶିବ ବେହେରା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଉଦ୍‌ଗାତାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ ବୃନ୍ଦ ଏବଂ ଛାତ୍ରୀ ଛାତ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଜୋତା ପ୍ରଦାନ

ଆସିକା,୨୦।୨ (ଡି.ଏନ୍.ଏ.)

ଆସିକା ବ୍ଲକର କାଳଷଣ୍ଢପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଜୋତା ପ୍ରଦାନ କରାଯାଇଥିଲା। ସମଗ୍ର ଶିକ୍ଷା ଗଞ୍ଜାମ ଓ ଆଲିମ କୋର ମିଳିତ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳନବାଧିତ ଓ ମସ୍ତିଷ୍କ ପକ୍ଷାଘାତଜନିତ ୮୦ଜଣ ଛାତ୍ରୀଛାତ୍ରଙ୍କୁ ଦୁର୍ବଳ ଗୋଡ଼ ପାଇଁ ସ୍ୱତନ୍ତ୍ର ଜୋତା ବଣ୍ଟନ କରାଯାଇଥିଲା। ଆସିକା, କବିସୂର୍ଯ୍ୟନଗର, ପୋଲସରା, ଧରାକୋଟ, ଶେରଗଡ଼ ଓ ସାନଖେମୁଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟର ଚିହ୍ନଟ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ସେମାନଙ୍କ ପରିବାର ସହ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଜୋତା ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଜୋତାର ଯତ୍ନ ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପରିବାରକୁ ବିସ୍ତୃତ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କାଳଷଣ୍ଢପୁର ସରପଞ୍ଚ ଜୟନ୍ତୀ ବେହେରା ଓ ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ତପନ କୁମାର ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ, ମନ୍ଦାକିନୀ ରଥ, ମାଗତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀ ଥିଲେ।

## ମହିଳା, ଶିଶୁ ସୁରକ୍ଷାରେ ସଚେତନତା ହିଁ ଏକମାତ୍ର ମାଧ୍ୟମ



ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

ଛତ୍ରପୁର,୨୦।୨(ଡି.ଏନ୍.ଏ.)

ଛତ୍ରପୁର ଜିଲା ପରିଷଦ ଗ୍ରାମ୍ୟ ଉନ୍ନୟନ ଋଷିକୁଲ୍ୟା ସମ୍ମିଳନୀ ପ୍ରକୋଷ୍ଠରେ ଜିଲାସ୍ତରୀୟ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଯୋଗଦେଇ କହିଥିଲେ, ପ୍ରତ୍ୟେକ କ୍ଷେତ୍ରରେ ଆଇନ ରହିଛି, ଏହାର ଠିକ ବ୍ୟବହାର ନିମନ୍ତେ ସଚେତନତା ଏକାନ୍ତ ଜରୁରୀ। ମହିଳା ଓ କନ୍ୟାରତ୍ନ ସୁରକ୍ଷା ଦିଗରେ ଆଇନ ରହିଛି, ଏହାର ସୁବିନିଯୋଗ ହୋଇ କଡ଼ାକଡ଼ି ନିୟମ ପାଳନ ହେଲେ ସମାଜରେ ଦେଖାଦେଇଥିବା କୁସଂସ୍କାରର ମୂଳପୋଛ ହେବ। ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ରାଜ୍ୟ ଶିଶୁ ମଙ୍ଗଳ କନ୍‌ସଲ୍‌ଟାଣ୍ଟ ଡା. ଏନ୍. ଟୁନା ସାହୁ, ଆକ୍ସନ ଏଡ୍‌ସଂଘ ଯୋଜନା ଅଧିକାରୀ ବି.ଏନ୍. ଦୁର୍ଗା ପ୍ରମୁଖ ଯୋଗଦେଇ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଯୌନ ନିର୍ଯାତନା, ବାଲ୍ୟ ବିବାହ ଇତ୍ୟାଦି ସମସ୍ତ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ମହାବିଦ୍ୟାଳୟର ଛାତ୍ରୀ, ଆଇନ ଛାତ୍ରୀ, ୱାନ୍ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା, ଶିଶୁ ସୁରକ୍ଷା କମିଟି ସଦସ୍ୟା ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଜିଲା ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ଶୁଭଶ୍ରୀ ପାତ୍ର ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ସାଧନ ଚନ୍ଦ୍ର ଦାଶ, ମହିଳା ଓ ଶିଶୁ ସୁରକ୍ଷା ବିଭାଗ ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ ଉପସ୍ଥିତ ଥିଲେ ।

# ୟୁସିପି ଇଞ୍ଜିନିୟରିଂ ସ୍କୁଲ୍‌ର ଜୋନାଲସ୍ତରୀୟ ପଲିଫେଷ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ, ୨୦।୨

ବ୍ରହ୍ମପୁର ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ୍‌ରେ ସୋମବାରଠାରୁ ଦୁଇଦିନିଆ ଜୋନାଲସ୍ତରୀୟ ପଲିଫେଷ୍ଟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୧ ସରକାରୀ ଓ ବେସରକାରୀ ଯାନ୍ତ୍ରିକ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଅଧ୍ୟାପକ ସତ୍ୟଶଙ୍କର ରାଜ ଓ କ୍ରୀଡ଼ା ବିଭାଗର ସିଦ୍ଧାର୍ଥ ଶଙ୍କର ସାହୁ ଏହାର ସଂଯୋଜନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘନଶ୍ୟାମ ଷଡ଼ଙ୍ଗୀ, ଦେବୀ ପ୍ରସାଦ ପଟ୍ଟନାୟକ, ପ୍ରମିଳା ଗୌଡ଼, ଦୀପ୍ତିଲକ୍ଷ୍ମୀ ଭୂୟାଁ ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ୟୁସିପି ଇଞ୍ଜିନିୟରିଂ ସ୍କୁଲ୍ ପକ୍ଷରୁ ଜୋନାଲସ୍ତରୀୟ ପଲିଫେଷ୍ଟ ଉଦ୍‌ଘାଟନୀ ସମାରୋହ ।

## ମା'ବାପା ଛେଉଣ୍ଡ ହୋଇଗଲେ ଭାଇ,ଭଉଣୀ

ବ୍ରହ୍ମପୁର ଅଫିସ,୨୦।୨

ବିଧିର ବିଧାନ ଆଗରେ ସମସ୍ତଙ୍କୁ ହାର ମାନିବାକୁ ପଡିବ। ବ୍ରହ୍ମପୁର ସଦର ଥାନା ଯୋଗିଆପଲ୍ଲୀ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ୫ବର୍ଷ ପୂର୍ବେ ମା' ଆଉ ସୋମବାର ବାପା ଭଗବାନ ପଣ୍ଡା(୪୬) ଆରପାରିକୁ ଚାଲିଯାଇଛନ୍ତି। ଫଳରେ ୭ବର୍ଷର ଝିଅ ସାଇନ ପଣ୍ଡା ଓ ୧୦ବର୍ଷର ପୁଅ ସାହିଲ ଏବେ ମା'ବାପା ଛେଉଣ୍ଡ ହୋଇଯାଇଛନ୍ତି। ଗତ ୫ ବର୍ଷ ଭିତରେ ପୁଅ ଭଗବାନ ବୋହୂ ମମତା ପଣ୍ଡାଙ୍କୁ ହରାଇ ବୃଦ୍ଧା ମା' ଅସହାୟ ହୋଇଥିବା ବେଳେ ଏବେ କୁନି କୁନି ନାତୁଣୀଙ୍କୁ କେବଳ ଏକ ସାହାରା ପାଲଟିଛନ୍ତି। ବର୍ତ୍ତମାନ ଦୁଇ ଛୁଆ ଜେଜେମାଙ୍କ ଥଇଥାନ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୋମବାର କୁକୁଡ଼ାଖଣ୍ଡି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କ ସୁରକ୍ଷା ଓ ଥଇଥାନ ପାଇଁ ବନ୍ଦୋବସ୍ତ ଆରମ୍ଭ ହୋଇଥିବା କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭଗବାନ ଅଟୋଚାଳକ ଥିଲେ। ଶିବରାତ୍ରି ପରଠୁ ସେ ଘରକୁ ଯାଇ ନ ଥିଲେ। ରବିବାର ରାତିରେ ବ୍ରଜନଗରଠାରେ ସେ ନିଶାସକ୍ତ ଅବସ୍ଥାରେ ପଡ଼ିଥିଲେ। କିଛି ଅଟୋଚାଳକ ଭଗବାନଙ୍କୁ ନେଇ ଯୋଗିଆପଲ୍ଲୀ ଘରେ ଛାଡିଥିଲେ। ବିଳମ୍ବିତ ରାତିରେ ସେ ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିମଖଣ୍ଡି ଥାନା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

